## ସଂକ୍ଷେପରେ

### ଗାଁରେ ପଶିଲା ବାର୍ହା

ଚନ୍ଦାହାଣ୍ଡି,୧୧।୩(ଡି.ଏନ.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ବେହେରାମୁଣ୍ଡା ଗ୍ରାମ ପାଣ୍ଡେ ସାହିରେ ଏକ ବାର୍ହା ପଶିଥିବା ଜଣାପଡ଼ିଛି। ହଠାତ୍ ଗାଁର ଭୂବନ ପାଣ୍ଡେଙ୍କ ଘରେ ବାର୍ହାଟି ପଶିଯାଇଥିବାବେଳେ ଲୋକେ ବନବିଭାଗକୁ ଖବର ଦେଇଥିଲେ। ବାର୍ହାକୁ ଧରିବା ପାଇଁ ଚନ୍ଦାହାଣ୍ଡି ଏବଂ ଛତିଶଗଡ଼ ଟିମ୍ ଯନ୍ତା ନେଇ ଗ୍ରାମରେ ପହଞ୍ଚିଛନ୍ତି। ତେବେ ଟିମ୍ ତାକୁ ଉଦ୍ଧାର କରିବାକୁ ଉଦ୍ୟମ ଜାରି ରଖିବାବେଳେ ବାର୍ହାଟି ଭୂବନଙ୍କ ଘରୁ ବାହାରି ରବି ନାମକ ଅନ୍ୟଜଣେ ବ୍ୟକ୍ତିଙ୍କ ଘରେ ପଶିଥିବା ଜଣାପଡ଼ିଛି। ତେବେ ବାରହାଟି ଗ୍ରାମରୁ କୁଆଡେ ଚାଲିଯିବାରୁ ବନବିଭାଗ ଟିମ ଫେରି ଆସିଥିଲେ। ବାର୍ହା ଗୋଡ଼ରେ ଆଘାତ ଲାଗିଥିବା ଜଣାପଡ଼ିଛି। ବନବିଭାଗ ଟିମ୍‌ରେ ଛତିଶଗଡ଼ ଦେଓଭୋଗ ରେଞ୍ଜର, ବନପାଳ କେଜୁଲାଲ୍ ଯାଦବ୍, ବିଦ୍ଧାଧର ଯଦୁ, କର୍ମଚାରୀ କେଶରୀଲାଲ୍ ନାୟକ, ଚନ୍ଦାହାଣ୍ଡି ବନପାଳ ଗୁପ୍ତେଶ୍ୱର ପଟ୍ଟନାୟକ, ଭୀଷ୍ମ ମାଝି, ବିନାୟକ ଶୋରୀ, କମଳାକାନ୍ତ ନାଗ ରହିଛନ୍ତି। ସେହିପରି ପୋଲିସ ଟିମ୍ ମଧ ଉପସ୍ଥିତ ଥିବା ଜଣାପଡ଼ିଛି।

### ଦୋଳ ପୂର୍ଣ୍ଣିମା, ହୋଲି ପାଳିତ



ଡାବୁଗାଁ ,୧୧।୩ (ଡି.ଏନ.ଏ.) ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ବିଭିନ୍ନ ସ୍ଥାନରେ ରଙ୍ଗର ପର୍ବ ହୋଲି ମଙ୍ଗଳବାର ପାଳିତ ହୋଇଯାଇଛି । ଡାବୁଗାଁ ବ୍ଲକର ବିଭିନ୍ନ ଗ୍ରାମ ଓ ବ୍ଲକ ସଦର ମହକୁମାରେ ଲୋକେ ପରସ୍ପରକୁ ରଙ୍ଗ ଲଗାଇ ଏହି ଉତ୍ସବ ପାଳନ କରିଥିଲେ । ଏହି ଅବସରରେ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅନ୍ତେବାସୀମାନେ ପରସ୍ପରକୁ ମିଠା ଖୁଆଇବା ସହ ରଙ୍ଗ ଲଗାଇ ଉତ୍ସବ ପାଳନ କରିଥିଲେ। ଏଥିରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ ଓ ଶିକ୍ଷୟତ୍ରୀ ଶିକ୍ଷକ ମାନେ ଛାତ୍ରୀମାନଙ୍କ ସହ ଉତ୍ସବ ରେ ସାମିଲ ହୋଇଥିଲେ । ସେହିପରି ସୋମବାର ଜୟନ୍ତୀ ନଗର ରାଧାକୃଷ୍ଣ ମନ୍ଦିରରେ ଦୋଳପୂର୍ଣ୍ଣିମା ପାଳନ କରିବା ସହ ହୋଲିପୋଡା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏକ ବିମାନରେ ଲୋକେ ଶ୍ରୀ ରାଧା କୃଷ୍ଣଙ୍କୁ ଧରି ଗ୍ରାମରେ ବୁଲାଯାଇଥିଲା। ଗ୍ରାମର ପ୍ରତ୍ୟେକ ଘରେ ଲୋକ ମାନେ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା।

### ସୁଇପର, ସିକ୍ୟୁରିଟି ଗାର୍ଡ ନିର୍ଦ୍ଧାରିତ ଦରମାରୁ ବଞ୍ଚିତ

ତେନ୍ତୁଳିଖୁଣ୍ଟି,୧୧।୩(ଡି.ଏନ.ଏ)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସୁଇପର ଓ ସିକ୍ୟୁରିଟି ଗାର୍ଡ ନିର୍ଦ୍ଧାରିତ ଦରମା ଠାରୁ କମ ପାଉଥିବା ଅଭିଯୋଗ କରିଛନ୍ତି। ଇପିଏଫ ଟଙ୍କା ମଧ ଡିପୋଜିଟ ହେଉନି। ବଞ୍ଚିତ ଏଣୁ ବୁଧବାର ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକଙ୍କୁ ବିହୀତ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି। ସିକ୍ୟୁରିଟି ଗାର୍ଡଙ୍କ ଦରମା ୧୧୬୮୦ ଟଙ୍କା ନିର୍ଦ୍ଧାରିତ ଥିବାବେଳେ ପାଉଛନ୍ତି ମାତ୍ର ୬୫୦୦ ଟଙ୍କା । ସେହିଭଳି ସୁଇପରଙ୍କ ଦରମା ୧୧୬୫୦ ହୋଇଥିବା ବେଳେ ପାଉଛନ୍ତି ମାତ୍ର ୫୨୦୦ ଟଙ୍କା। ସେମାନଙ୍କ ଦରମାରୁ ଇପିଏଫ ବାବଦ ଅର୍ଥ କାଟି ଇପିଏଫ ଆକାଉଣ୍ଟରେ ଡିପୋଜିଟ ମଧ ହେଉନ୍ତି। ଏଥିପ୍ରତି ପଦକ୍ଷେପ ନେବାକୁ ସେମାନେ ଜଣାଇଛନ୍ତି।

# ଏବେବି ରହିଛି ଆଦିବାସୀ ନାଟର ଚାହିଦା

ନନ୍ଦାହାଣ୍ଡି,୧୧।୩(ଡି.ଏନ.ଏ.)



ଆଦିବାସୀ ନାଟକ ମଞ୍ଚସ୍ଥ କରାଯାଉଛି ।

■ କେବଳ ବଦଳିଛି ନାଟକର ନାମକରଣ

■ ନାଟକ ମାଧମରେ ଦିଆଯାଇଥାଏ ସଚେତନତାର ବାର୍ତ୍ତା

ଆଧୁନିକ ଯୁଗରେ ମୋବାଇଲ, ଟିଭି ଓ ସୋସିଆଲ ମିଡିଆରେ ମନୋରଞ୍ଜନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଦେଖିବାକୁ ମିଳୁଛି। ତଥାପି ଆଦିବାସୀ ଅଧ୍ୟୁଷିତ ଜିଲାରେ ଏବେବି ଆଦିବାସୀ ଅହୋରାତ୍ର ନାଟର ଚାହିଦା ରହିଛି । ପୂର୍ବରୁ ଅନେକ ନାଟ ଆଧ୍ୟାତ୍ମିକ ଓ ଐତିହାସିକ କଥା ବସ୍ତୁକୁ ନେଇ ମଞ୍ଚସ୍ଥ ହୋଇ ଆସୁଥିଲା । ଏବେ କିନ୍ତୁ ନାଟରେ କେତେଟା ପରିବର୍ତ୍ତନ ଦେଖିବାକୁ ମିଳିଛି । ପୂର୍ବରୁ ନାଟରେ ମହିଳା ଅଭିନୟରେ ପୁରୁଷମାନେ ହିଁ ପୋଷାକ ପିନ୍ଧି ଅଭିନୟ କରି ଆସୁଥିଲେ । ଏବେ ବି ତାହା ରହିଛି, ତେବେ କେତେକ ନାଟରେ ଏବେ ମହିଳା କଳାକାରମାନେ ମଧ ସାମିଲ ହେଲେଣି । ଏହା ବ୍ୟତିତ ଛାତ୍ରୀଛାତ୍ରଙ୍କୁ ମଧ ନାଟରେ ଅଭିନୟ କରିବାକୁ ସୁଯୋଗ ମିଳିବାରେ ଲାଗିଛି । ପୂର୍ବରୁ ପୌରାଣିକ ନାଟକରେ ଶିକ୍ଷା, ସଂସ୍କୃତିକୁ ଜାଣିବାର ଅନେକ ସୁଯୋଗ ରହିଥିଲା । ପରବର୍ତ୍ତି ସମୟରେ ସ୍ୱାଧୀନତା ସଂଗ୍ରାମରେ ଶହୀଦଙ୍କ ଦେଶପ୍ରତି କିଭଳି ଅବଦାନ ରହିଥିଲା । ଇଂରେଜ ମାନଙ୍କୁ ବିତାଡିତ କରିବା ପାଇଁ ଗାଁ ମାନଙ୍କରେ ମେଳି କେମିତି ହୋଇପାରୁଥିଲା ତହାର ନିଚ୍ଛକ ଉଦାହରଣ ଗୁଡିକ ନାଟକ ମାଧମରେ ରହୁଥିଲା । ଦେଶ ପାଇଁ ଜୀବନକୁ ବାଜୀ ଲଗାଇ ଶହୀଦ ଓ ସଂଗ୍ରାମୀ ମହାପୁରୁଷମାନେ କିଭଳି କାର୍ଯ୍ୟ କରୁଥିଲେ ତାହା ଲୋକଙ୍କ ମଧ୍ୟରେ ଜାଗୃତ କରାଯାଇପାରୁ ଥିଲା । ଏବେ ଆଧୁନିକତାର ସ୍ପର୍ଶରେ ସାମାଜିକ କଥା ବସ୍ତୁ, କାଳ୍ପନିକ, ପ୍ରେମ କାହାଣୀ ଆଦି ଉପରେ ମନୋମୋହିଲା ଭଳି ନାଟ ଗୁଡିକର ନାମ ଦିଆଯାଇ ମଞ୍ଚସ୍ଥ ହୋଇ ଆସୁଛି । ରବିବାର ନନ୍ଦାହାଣ୍ଡି ବ୍ଲକ ଅଧିନ ଦହଣା ଗାଁରେ ପୂର୍ଣ୍ଣିମା ଅବସରରେ କାଳ୍ପନିକ ଅହୋରାତ୍ର ନାଟ 'ଦାସ ଚକ୍ରାନ୍ତରେ ସବୁ ସରିଗଲା ଦୈବ ପୁରୁଷ ସାକ୍ଷୀ ରହିଲା' ମଞ୍ଚସ୍ଥ ହୋଇଥିଲା । ରାଜାଙ୍କୁ ଚକ୍ରାନ୍ତ କରି ତାଙ୍କ ଦାସ ହତ୍ୟା କରିବା ପରେ ରାଜକୁମାର ନିଜ ରାଜ୍ୟ ଫେରି ପାଇବା ପାଇଁ ଯୁଦ୍ଧ କରି ବିଜୟ ଲାଭ କରି ରାଜା ହୁଏ । ଏହି ଘଟଣାକୁ ନାଟ ଗୁରୁ କମଳ ଲୋଚନ ଭତରା ଉମରକୋଟ ବ୍ଲକ ଲଙ୍ଗଳଦୋରା ଗାଁ ୩୫ ଜଣ କଳାକାର ନାଟ ଶିଖାଇଛନ୍ତି । ନାଟଗୁରୁ ନିଜେ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି । ଏହି ନାଟ ଶିଖିବା ପାଇଁ କଳାକାର ମାନଙ୍କୁ ୨ ମାସ ଲାଗିଥିବା ବେଳେ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ନାଟଗୁରୁ କହିଛନ୍ତି । ତେବେ ଆଦିବାସୀ ନାଟ, କଳା ଓ କଳାକାରଙ୍କୁ ଏଯାଏ ସରକାର ଠିକ ଭାବେ ଚିହ୍ନଟ କରି ପାରୁ ନାହାନ୍ତି । ଗୋଟିଏ ରାତ୍ର ନାଟ ମଞ୍ଚସ୍ଥ ହେଲେ ୨୫ ହଜାର ଟଙ୍କା ମିଳିଥାଏ । ଗସ୍ତଖର୍ଚ୍ଚ ସହ ପ୍ରତ୍ୟେକ କଳାକାରଙ୍କ ପାରିଶ୍ରାମିକ ଓ ଖାଦ୍ୟ ଖର୍ଚ୍ଚକୁ ଆକଳନକଲେ ୫ଶହ ଟଙ୍କା ମଧ ମିଳିନଥାଏ । ତଥାପି ଲୋକଙ୍କ ମଧ୍ୟରେ ଆମୋଦ ପ୍ରମୋଦ ଆଣିବା, କିଛି ସଚେତନତା ବାର୍ତ୍ତା ଦେବା ଏବେବି ଆଦିବାସୀ ନାଟ ମାନଙ୍କ ଲକ୍ଷ୍ୟ ରହିଛି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାର୍ଯ୍ୟା ଆଗରେ ମିଛ କହିବ,**
**ରାଜା ଆଗରେ ସତ କହିବ ।**

ସ୍ତ୍ରୀଙ୍କ ଆଗରେ ମିଛ କହିବା ସେତେ ଦୋଷାବହ ହୋଇ ନ ଥାଏ। ପରନ୍ତୁ ମାନ୍ୟଗଣ୍ୟ ତଥା ପୂଜନୀୟ ବ୍ୟକ୍ତିଙ୍କ ଆଗରେ ସର୍ବଦା ସତକଥା ପ୍ରକାଶ କରିବା ହିଁ ଉଚିତ ହୋଇଥାଏ। ଏହା ହିଁ ଶାସ୍ତ୍ର କଥନ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଭାତ ଖୁଆଇଲି କୁକୁରକୁ**
**କୁକୁର ଚଢ଼ିଲା ଉପରକୁ ।**

ଛୋଟ ଲୋକର ମୁହଁ ବଢ଼େଇଲେ ସେମାନେ ଖାତିର କରନ୍ତି ନାହିଁ। ବେଖାତିର କରି ଶେଷରେ ଉପରେ ହାକିମି ଦେଖାଇବାକୁ ଚେଷ୍ଟା କରନ୍ତି। ବେଶି ଗେହ୍ଲା କରିବା ଓ ପାଖରେ ପୂରାଇବା ଦ୍ୱାରା ତଥା ସ୍ନେହ ଶ୍ରଦ୍ଧା କରି ପାଖରେ ନିଜର କରି ରଖିବା ଦ୍ୱାରା ଶେଷରେ ନିଜର ସମ୍ମାନ ହାନି ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କଂଗ୍ରା-ଯୋଗିପଦର ରାସ୍ତାର ଭିତ୍ତିପ୍ରସ୍ତର



ଭିତ୍ତିପ୍ରସ୍ତର ଉଦଘାଟନ କରାଯାଉଛି ।

ଝରିଗାଁ,୧୧।୩(ସ୍ୱ.ପ୍ର)

ଝରିଗାଁ ବ୍ଲକକୁ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝୀ ଏବଂ ସ୍ଥାନୀୟ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ଗସ୍ତ କରି ବିଭିନ୍ନ ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ପାଲିଆ ଠାରୁ ଚଟା ପର୍ଯ୍ୟନ୍ତ ଏସ୍ଆର ପାଣ୍ଠି ୫୦ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାପରେ ଉପାନ୍ତ ଯୋଜନାରେ କଂଗ୍ରା ଗ୍ରାମ ଠାରୁ ଯୋଗିପଦର ପର୍ଯ୍ୟନ୍ତ ୮ କି.ମି ରାସ୍ତା ସକାଶେ ୮ କୋଟି ଟଙ୍କା ଅଟକଳ ମୂଲ୍ୟର ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ରାସ୍ତା ହେବା ଫଳରେ ଯୋଗିପଦର, ଚୁଇଁମାଟି, କୁସୁମପଦର, ହରଡାପଡା, କାଦପାନୀ, ଜିତରୁସାହି ଆଦି ଗ୍ରାମର ଲୋକେ ଅତି ସୁବିଧାରେ ଯାତାୟତ କରିବାରେ ସହାୟକ ହୋଇପାରିବେ।ଏହି ଅବସରରେ ବିଜେଡି ବ୍ଲକ ସଭାପତି ଉଦୟନାଥ ନାୟକ, ଏମପିଙ୍କ ବ୍ଲକ ପ୍ରତିନିଧି ପ୍ରୀୟରଞ୍ଜନ ଦାସ, ବ୍ଲକଅଧକ୍ଷା ରମୁଲା ଗଣ୍ଡ, ଉପାଧକ୍ଷା ମଞ୍ଜୁଲତା ପନକା, ଜିଲା ପରିଷଦ ସଭ୍ୟ ମୋହନ ନାୟକ, ଟିକଚନ୍ଦ ମାଝୀ, ମଦନ ସାମଲ, ଦୁର୍ଗା ପ୍ରସାଦ ମାଝୀ, ରଜନିକା' ପଟ୍ଟନାୟକ,ପ୍ରଦିପ ଗାଉଁଟିଆ, ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।

# ୭ ନାବାଳିକା ବିବାହ ରୋକିଲା ପ୍ରଶାସନ

ନବରଙ୍ଗପୁର/ପାପଡାହାଣ୍ଡି/ରାଇଘର
୧୧।୩(ବି.ପ୍ର/ଡି.ଏନ.ଏ)

ଗାଁରୁ ପଲ୍ଲୀ ସବୁଠି ବିବାହର ଋତୁ। ଗାଁ ଗଣ୍ଡାରେ ଗୋଟିଏ ଦିନରେ ଚାଲିଛି ୨/୩ ଟିବିବାହ । ହେଲେ ସଚେତନତା ଅଭାବରୁ ବିବାହ କରୁଛନ୍ତି କମ ବୟସର ଯୁବକ ଯୁବତୀ । ପ୍ରଶାସନର ତାଗିଦ ସତ୍ତ୍ୱେ ଏହା ଥମୁନି । ବୁଧବାର ପ୍ରଶାସନ ଜିଲାରେ ୭ ଟି ନାବାଳିକା ବିବାହ ରୋକିଛି । ପରିବାର ଲୋକଙ୍କୁ ବୁଝାଇବା ସହ ୧୮ ବର୍ଷ ପରେ ବିବାହ କରିବା ଲାଗି ଲିଖିତ ପତ୍ର ଗ୍ରହଣ କରିଛି। ଜିଲାର ନବରଙ୍ଗପୁର, ରାଇଘରରେ ଗୋଟିଏ ଲେଖାଏଁ, ନନ୍ଦାହାଣ୍ଡିର ୩ ଟି, ପାପଡାହାଣ୍ଡିରେ ୨ଟି ବିବାହ ରୋକିଛି। ଚାଇଲଡ ଲାଇନ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ସ୍ଥାନୀୟ ପୋଲିସର ଉଦ୍ୟମରେ ଏହି ବିବାହ ଗୁଡିକ ରୋକ ଲଗାଯାଇଛି । ପାପଡାହାଣ୍ଡି ବ୍ଲକର ଝୁଟୁବାଇ ପଞ୍ଚାୟତ ଶ୍ରୀକନ୍ଦଗୁଡା ନିକଟସ୍ଥ ଏକ ଗାଁର ଜଣେ ନାବାଳକ ଓ ଝରିଗାଁ ବ୍ଲକର ଜଣେ ନାବାଳିକା ସହ ବିବାହ କରାଯିବା ସମୟରେ ପ୍ରଶାସନ ତରଫରୁ ଚଢ଼ାଉ କରାଯାଇଥିଲା। ଉଭୟ ଝିଅ ଓ ପୁଅ ନାବାଳିକା ଥିବା ଜଣାପଡିଥିଲା। ପରେ ଝିଅକୁ ପରିବାର ଲୋକ ଲୁଚାଇ ଦେଇଥିଲେ । ପ୍ରଶାସନ ବୁଝାଶୁଝା କରି ବିବାହ ରୋକିଥିଲା। ସେହିପରି ଗରୁଡ଼ଗୁଡାର ଜଣେ ନାବାଳିକାଙ୍କ ସିରିସି ଗ୍ରାମରେ ବିବାହ କରିବା ଲାଗି ସ୍ଥିର ହୋଇଥିଲା। ସେଠାରେ ପ୍ରଶାସନ ଟିମ ପହଞ୍ଚି ଏହାକୁ ବନ୍ଦ କରିଥିଲା। ହାତୀବେଢା ପଞ୍ଚାୟତର ଗରୁଡ଼ଗୁଡାର ଜଣେ ନାବାଳିକାଙ୍କ ନିକଟସ୍ଥ ଘନଗୁଡା ଗ୍ରାମରେ ବିବାହ କରିବା ଲାଗି କାର୍ଯ୍ୟକ୍ରମ ଚାଲିଥିବା ଖବର ପାଇ ଟିମ ଚଢ଼ାଉ କରିଥିଲେ । ସେଠାରେ ଯାଞ୍ଚ ବେଳେ ଝିଅର ବୟସ ୧୮ ବର୍ଷ ହୋଇଥିବାରୁ ବିବାହ ପାଇଁ ସ୍ୱୀକୃତି ଦେଇଥିଲା। ଚାଇଲ୍ଡ ଲାଇନ ଜିଲା କୋର୍ଡିନେଟର ରବୀନ୍ଦ୍ର ପ୍ରଧାନ, ସଭ୍ୟ ଟଙ୍କ ଯାନୀ, ଇନ୍ଦୁ ଗୌଡ଼, ସିଡିପିଓ ଗୀତା ରାଣି ସାହୁ, ପିଏଲଭି ସଭ୍ୟ ରାଜକିଶୋର ରାଓ ଏହି ସବୁ ଗ୍ରାମରେ ପହଞ୍ଚି ଉଭୟ ପରିବାରକୁ ବୁଝାସୁଝା କରିବା ବିବାହ ରୋକ ଲାଗି ପଦକ୍ଷେପ ନେଇଥିଲେ । ସଚେତନ କରିବା ସହ ୧୮ ବର୍ଷ ପରେ ହିଁ ବିବାହ କରାଇବେ ବୋଲି ଲିଖିତ ପତ୍ର ଆଣିଥିଲେ। ରାଇଘର ବ୍ଲକ ଦେବାଗାଁ ପଞ୍ଚାୟତରେ ଜଣେ ନାବାଳିକାଙ୍କ ବିବାହ ହେଉଥିଲା। ଖବର ପାଇ ରାଇଘର ଥାନା ଅଧିକାରୀ ସରିତା ମହାପାତ୍ର ପହଞ୍ଚି ବିବାହ ରୋକିଥିଲେ। ତେବେ ପରିବାର ଲୋକ ଝିଅକୁ ୧୮ ବର୍ଷ ନ ହେଲେ ବିବାହ ହୋଇପାରିବ ନାହିଁ ବୋଲି ଜାଣି ନ ଥିବା ଜଣାପଡିଥିଲା। ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ଥାନା ଅଧିକାରୀ ସଚେତନ କରିଥିଲେ। ନାବାଳିକାଙ୍କ ବୟସ ହେବା ପରେ ଉକ୍ତ ଯୁବକଙ୍କ ସହ ବିବାହ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ଗୁରୁତରଙ୍କୁ ଡାକ୍ତରଖାନା ଆଣିଲେ ଏମପି

ଝରିଗାଁ,୧୧।୩(ସ୍ୱ.ପ୍ର)

ଦୁର୍ଘଟଣାରେ ଗୁରୁତର ହୋଇ ରାସ୍ତା କଡରେ ପଡିଥିଲେ ଜଣେ ବାଇକ ଆରୋହୀ। ସେହି ରାସ୍ତା ଦେଇ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି ଯାଉଥିବା ବେଳେ ଗୁରୁତର ବାଇକ ଆରୋହୀଙ୍କୁ ଉଦ୍ଧାର କରି ନିଜ ଗାଡିରେ ଝରିଗାଁ ମେଡିକାଲକୁ ଆଣିଥିଲେ। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଟେଣ୍ଟକାଡଙ୍ଗରି ଗ୍ରାମରେ ଦୁର୍ଘଟଣାରେ ବାଇକ ଆରୋହି ଗୁରତର ହୋଇ ରାସ୍ତା କଡରେ ପଡି ରହିଥିଲେ। କିଛି ସମୟ ପରେ ସେହି ରାସ୍ତା ଦେଇ ଏମପି ରମେଶ ଚନ୍ଦ୍ର ମାଝୀ ଚନ୍ଦାହାଣ୍ଡିରୁ ଉମରକୋଟ ଯାଉଥିଲେ। ରାସ୍ତା କଡରେ ବାଇକ ଦୁର୍ଘଟଣାରେ ପଡିରହିଥିବା ବ୍ୟକ୍ତିଙ୍କୁ ଦେଖି ନିଜ ଗାଡି ଅଟକାଇଥିଲେ। ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ଯୋଗାଯୋଗ ସମ୍ଭବ ନ ହେବାରୁ ଏମପି ବିଳମ୍ବ ନକରି ନିଜ ଗାଡିରେ ଆହତଙ୍କୁ ଧରି ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ଚିକିତ୍ସା କରିଥିଲେ। ଆହତ ଯୁବକ ଜଣକ ସିନାପାଲି ଅଂଚଳର ତେଜରାମ ମାଝୀ(୩୦) ହୋଇଥିବା ବେଳେ ସେ ଡାବୁଗାଁ ବ୍ଲକରେ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ହୋଲି ସକାଶେ ସ୍କୁଲ ଛୁଟି ଥିବା ଯୋଗୁଁ ସେ ନିଜ ଘରକୁ ଯାଇ ଡାବୁଗାଁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ତେଜରାମଙ୍କ ପ୍ରାଥମିକ ଚିକିତ୍ସା ପରେ ନବରଙ୍ଗପୁର ସ୍ଥାନାନ୍ତର କରାଯାଇଛି। ଏମପିଙ୍କ ମାନବିକତାକୁ ସାଧାରଣରେ ପ୍ରଶଂସା କରାଯାଇଛି।



# ନିଆରା ହୋଲି: ପ୍ରାକୃତିକ ରଙ୍ଗରେ ସ୍ନେହ, ସୁସ୍ଥତା ବାର୍ତ୍ତା



ଗ୍ରାମବାସୀଙ୍କ ସହ ବିଧାୟକ ହୋଲି ଖେଳୁଛନ୍ତି ।

ଚନ୍ଦାହାଣ୍ଡି,୧୧।୩(ଡି.ଏନ୍.ଏ.)

କରୋନା ଭୟରେ ଚଳିତ ବର୍ଷ ହୋଲି ସାମାନ୍ୟ ଫିକା ପଡ଼ିଛି। କିନ୍ତୁ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍‌ର ପାଟଖଲିଆ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପିଲାଠାରୁ ବୃଦ୍ଧ ସମସ୍ତେ ହୋଲିକୁ ଏକ ନିଆରା ଢଙ୍ଗରେ ପାଳନ କରିଥିଲେ। କରମର୍ଦ୍ଦନ ବଦଳରେ ନମସ୍କାର କରି ହୋଲି ଶୁଭେଚ୍ଛା ଜଣାଉଥିବା ଦେଖିବାକୁ ମିଳୁଛି। ସେହିପରି ରାସାୟନିକ ଦ୍ରବ୍ୟ ମିଶ୍ରିତି ରଙ୍ଗ ବଦଳରେ ଏଠାରେ ପ୍ରାକୃତିକ ରଙ୍ଗରେ ପରସ୍ପରଙ୍କୁ ରଙ୍ଗ ଲଗାଇବା ସହ ସ୍ନେହ ଓ ପ୍ରେମର ବାର୍ତ୍ତା ଆଦାନ ପ୍ରଦାନ କରୁଛନ୍ତି। ଲୋକେ ହଳଦୀ ଓ ଚାଉଳ ଚୂନାରେ ରଙ୍ଗ ତିଆରି କରି ହୋଲି ପାଳନ କରିବା ଦେଖିବାକୁ ମିଳିଛି। ଏହାଦ୍ୱାରା ସେମାନେ ସ୍ନେହ, ପ୍ରେମ ସହ ସୁସ୍ଥତାର ବାର୍ତ୍ତା ମଧ ଦେଇଛନ୍ତି। ବଜାରରେ ଏଥର ବହୁ ଦୋକାନୀ ରଙ୍ଗ ବିକ୍ରି ମଧ କରି ନ ଥିଲେ। ଯାହା ପୁରୁଣା ବର୍ଷର ବଳକା ଥିଲା, ତାହାକୁ ବିକ୍ରି କରିଥିଲେ। ହୋଲି ପୂର୍ବରୁ ପ୍ରତ୍ୟେକ ଗ୍ରାମରେ ଗ୍ରାମସଭା କରି ଏଥର ହଳଦୀ ଓ ଚାଉଳ ଚୂନାରେ ହୋଲି ଖେଳିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ପ୍ରସ୍ତାବକୁ ସ୍ଥାନୀୟ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ସ୍ୱାଗତ କରିବା ସହ ପାଟଖଲିଆ ଗାଁକୁ ଯାଇ ଲୋକଙ୍କ ସହ ହୋଲି ଖେଳିବା ସହ ଶୁଭେଚ୍ଛା ଜଣାଇଥିଲେ।

# 'ପ୍ରକଳ୍ପ ଅଗ୍ରଗତି ନିମନ୍ତେ ସରକାରଙ୍କ ସକାରାତ୍ମକ ମନୋଭାବ ଦରକାର'

## କେନ୍ଦ୍ରୀୟ ଜଳ କମିଶନ ଅଧକ୍ଷଙ୍କୁ ଭେଟିଲେ ପୂର୍ବତନ ଏମ୍‌ପି ବଳଭଦ୍ର

ନବରଙ୍ଗପୁର,୧୧।୩(ବି.ପ୍ର.)



ଭାଜପା ପ୍ରତିନିଧି କେନ୍ଦ୍ରୀୟ ଜଳ କମିଶନ ଅଧକ୍ଷଙ୍କ ସହ ଆଲୋଚନା କରୁଛନ୍ତି ।

ଅବିଭକ୍ତ କୋରାପୁଟ ଜିଲାର ୫ଟି ଜଳସେଚନ ପ୍ରକଳ୍ପର ଅଗ୍ରଗତି ନେଇ ପୂର୍ବତନ ଏମପି ବଳଭଦ୍ର ମାଝି କେନ୍ଦ୍ରୀୟ ଜଳ କମିଶନ ଅଧକ୍ଷ ଆର.କେ. ଜୈନ ଓ ବିଭାଗୀୟ ଯନ୍ତ୍ରୀଙ୍କ ସହ ସାକ୍ଷାତ କରିଛନ୍ତି। ତେଲ, ବହୁମୁଖି ଯୋଜନା, ଇନ୍ଦ୍ରାବତୀ ଯୋଜନା ଓ ମଧ୍ୟମ କୋଲାବ ଯୋଜନା, ଉପର ବଂଶଧାରା ଓ ତଳ ବଂଶଧାରା ଜଳସେଚନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ଆଲୋଚନା କରିଛନ୍ତି । ବିଗତ ଦିନରେ ପ୍ରକଳ୍ପ ଗୁଡିକର ଯେଉଁ ସ୍ଥିତି ଥିଲା ତାହାର କୌଣସି ଅଗ୍ରଗତି ହୋଇ ନାହିଁ । ପ୍ରକଳ୍ପ ଗୁଡିକର ଡିପିଆର(ଡିଟେଲ ପ୍ରୋଜେକ୍ଟରିପୋର୍ଟ) ତିଆରି କରାଇ ସିଡବ୍ଲୁସି ନିକଟରେ ଦାଖଲ କରାଯାଇଥିଲା । ସମ୍ପୃକ୍ତ ନଦୀ ଅବବାହିକାର ପ୍ରଦେଶଠାରୁ ସ୍ୱିକୃତୀ ମଧ ଅଣା ଯାଇଥିଲା । ଛତିଶଗଡ ବ୍ୟତୀତ ପ୍ରାୟ ସମସ୍ତ ରାଜ୍ୟର ପ୍ରକ୍ରିୟା ଶେଷ ହୋଇଛି । ରାଜ୍ୟ ସରକାରଙ୍କ ନକରାତ୍ମକ ମନୋଭାବ ଓ ଛତିଶଗଡ ସରକାରଙ୍କ ସହ ବିବାଦ ଯୋଗୁଁ ତେଲ ବହୁମୁଖି ଯୋଜନା, ଇନ୍ଦ୍ରାବତୀ ଯୋଜନା ଓ ମଧ୍ୟମ କୋଲାବ ଯୋଜନା ଆଗକୁ ବଢି ପାରୁ ନାହିଁ। ମହାନଦୀ ଟ୍ରିବୁନାଲକୁ ଯିବା ଦ୍ୱାରା ପରିସ୍ଥିତି ଆହୁରି ଜଟିଳ ହୋଇଛି । ବୈଷୟିକ ଦୃଷ୍ଟିରୁ ଉକ୍ତ ତିନୋଟି ପ୍ରକଳ୍ପରେ ସେଭଳି କିଛି ଅସୁବିଧା ନଥିଲା । ନ୍ୟାୟଧିକରଣଙ୍କୁ ଯିବା ଦ୍ୱାରା ଛତିଶଗଡର କିଛି ପ୍ରକଳ୍ପ ମଧ ପ୍ରଭାବିତ ହୋଇଛି । ଏନେଇ ଛତିଶଗଡ ସରକାର ଯଥାର୍ଥତା ଥିଲେ ମଧ ପ୍ରକଳ୍ପ ପାଇଁ ସହଯୋଗ କରୁନାହିଁ ବୋଲି ପୂର୍ବତନ ଏମପି ବଳଭଦ୍ର ଜଣାଇଛନ୍ତି । ରାଜ୍ୟ ସରକାର ସକାରତ୍ମକ ମନୋଭାବ ନକରନ୍ତି ତେବେ ଅବିଭକ୍ତ କୋରାପୁଟ ଜିଲାର ଏହି ପ୍ରକଳ୍ପ ଗୁଡିକ ସେମିତି ପଡି ରହିବ ବୋଲି ପୂର୍ବତନ ଏମପି ବଳଭଦ୍ର କହିଛନ୍ତି । ଆଲୋଚନା ସମୟରେ ନବରଙ୍ଗପୁର ଜିଲା ଭାଜପା ଜିଲା ସଭାପତି ଜଗଦିଶ ବିଷୋୟୀ, ଯୁବ ନେତା ଗୌରୀ ଶଙ୍କର ମାଝୀ ଉପସ୍ଥିତ ଥିଲେ ।

# ଗୃହ, ଜନଗଣନା ପାଇଁ ତାଲିମ

ନବରଙ୍ଗପୁର,୧୧।୩(ବି.ପ୍ର.)- ୨୦୨୧ ପାଇଁ ଗୃହ ଓ ଜନଗଣନା କାର୍ଯ୍ୟର ତାଲିମ ସ୍ଥାନୀୟ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଡିକାଙ୍କ ବିୟୋଗରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ତେବେ ଏପ୍ରିଲ ୨୦୨୦ରୁ ସେପ୍ଟେମ୍ବର ୨୦୨୦ ଭିତିରେ ଗୃହ ଗଣନା ଜନସଂଖ୍ୟା ରେଜିଷ୍ଟର (ଏନପିଆର) ହେବ । ଫେବୃୟାରୀ ୨୦୨୧ରେ ଜନଗଣନା କାର୍ଯ୍ୟ ହେବାର ସ୍ଥିର କରାଯାଇଛି । ଏନେଇ ନବରଙ୍ଗପୁର ଜିଲାରେ ଜନଗଣନା ସେଲ ପକ୍ଷରୁ ପଥମ ପର୍ଯ୍ୟାୟରେ ଜିଲାର ସମସ୍ତ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ଦୁଇ ଦିନିଆ ତାଲିମ ପ୍ରଦାନ କରାଯାଉଛି । ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନ୍ୟ ସମସ୍ତ ଅଧିକାରୀ ତାଲିମ ଦେଇଥିଲେ । ରାଜ୍ୟ ଜନଗଣନା କାର୍ଯ୍ୟାଳୟରୁ ଆସିଥିବା ତାଲିମଦାତାମାନେ ତାଲିମ ଦେବେ । ଏହି ଜନଗଣନା କାର୍ଯ୍ୟକ୍ରମକୁ ନେଇ ସଚେନତ କରାଇଥିଲେ ।



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

# ରାସ୍ତା ମରାମତି ପାଇଁ ଛାତ୍ରୀଛାତ୍ରଙ୍କ ଅଭିନବ ଉଦ୍ୟମ

## ପଥପ୍ରାନ୍ତ ନାଟକ ମାଧମରେ ସଚେତନତ କଲେ, ଦାବି ଜଣାଇଲେ

ରାଇଘର,୧୧।୩(ଡି.ଏନ.ଏ)



ପିଲାମାନେ ନାଟକ ମାଧମରେ ସଚେତନ କରୁଛନ୍ତି ।

ରାଇଘରରୁ କୁନ୍ଦେଇ ଯିବା ରାସ୍ତାରେ ହଠାତ ଅଟକି ଯାଇଥିଲେ ସମସ୍ତ ପଥଚାରୀ। ଦେଖିବାକୁ ମିଳିଥିଲା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ରକ୍ତାକ୍ତ ଅବସ୍ଥାରେ ରାସ୍ତାରେ କଡରେ ପଡି ରହିଛନ୍ତି। କାହାର ମୁଣ୍ଡ ଫାଟିଯାଇଛି ତ ଆଉ କାହାର ହାତ ଭାଙ୍ଗି ଯାଇଥିବାରୁ ଛଟପଟ ହେଉଛି । ଏହି ଦୃଶ୍ୟ ଦେଖି ସମସ୍ତେ ପ୍ରଥମେ ଆଚମ୍ଭିତ ହୋଇଥିଲେ। କିନ୍ତୁ ସେହି ସବୁ ଥିଲା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା କାଳ୍ପନିକ ନାଟକ, ପ୍ରଶାସନକୁ ସଚେତନ କରାଇବା ସହ ଖରାପ ରାସ୍ତାକୁ ମରାମତି କରିବାକୁ ଅଭିନବ ଉପାୟରେ ଉଦ୍ୟମ କରିଥିଲେ। ଛାତ୍ରୀଛାତ୍ର ସ୍କୁଲକୁ ଯାତାୟାତ କରୁଥିବା ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଯୋଗୁ ଅଭିନବ ଜରିଆରେ ସରକାର ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଛାତ୍ରଛାତ୍ରୀ ନିଜେ ଅସୁରକ୍ଷିତ ହୋଇ ଯାତାୟାତ କରୁଥିବା ବେଳେ ପ୍ରଶାସନ ଓ ସ୍ଥାନୀୟ ଲୋକ ପ୍ରତିନିଧି ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଜଣାଇଥିଲେ। ରାସ୍ତାର ଟେଣ୍ଡର ବାହାରି ଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ନାହିଁ। ଛାତ୍ରୀଛାତ୍ରଙ୍କ ବାର୍ତ୍ତା ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ଉପରେ ପ୍ରଭାବ ପକାଇବ ଏବଂ କାର୍ଯ୍ୟ ଆରମ୍ଭ କରିବେ ବୋଲି ଆଶା ରହିଛି। ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଅଭିବନ ପ୍ରତିବାଦକୁ ସ୍ଥାନୀୟ ଲୋକ ସମର୍ଥନ କରି ବିଦ୍ୟାଳୟ ସମୟ ପୂର୍ବାହ୍ନ ୯ଟାରୁ ୧୦ଟା ଓ ଅପରାହ୍ନ ୩ଟାରୁ ୪ଟା ପର୍ଯ୍ୟନ୍ତ ଭାରିଯାନ ଯାତାୟାତ ବନ୍ଦ କରିବାକୁ ଜଣାଇଛନ୍ତି।

**ସଂକ୍ଷେପରେ**

## ହଳଦୀ, ସିନ୍ଦୂର ଲଗାଇ ସଚେତନା କଲା ସ୍ୱାସ୍ଥ୍ୟ ବିଭାଗ

### କରୋନା ସଚେତନତା

**ମାଥିଲି/ଗୋବିନ୍ଦାପଲି ୧୧।୩ -** ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ମଙ୍ଗଳବାର ନିଆରା ଢଙ୍ଗରେ ହୋଲି ଉତ୍ସବ ପାଳିତ ହୋଇଛି । ଡା. ଅମିୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ରଙ୍ଗ ବଦଳରେ ସିନ୍ଦୂର , ଚନ୍ଦନ ଓ ହଳଦୀକୁ ନେଇ ହୋଲି ଉତ୍ସବ ଆୟୋଜିତ ହୋଇଥିଲା । ଦେଶରେ କରୋନା ଭାଇରସର ଆତଙ୍କ ରହିଛି। ଏଥିପାଇଁ ରଙ୍ଗ ନୁହେଁ ବରଂ ହଳଦୀ, ସିନ୍ଦୂର, ଚନ୍ଦନ ଲଗାଇ ଉତ୍ସବ ମନାଇବାକୁ କର୍ମଚାରୀମାନେ ଲୋକଙ୍କୁ ସଚେତନ କରିଥିଲେ। ମୁଖ୍ୟରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ମୁଣ୍ଡରେ ଚନ୍ଦନ ଟିକା ଦେଇ ସିନ୍ଦୂର ଓ ଚନ୍ଦନ ଲଗାଇ ହୋଲି ପାଳିଥିଲେ। କରୋନା ଭାଇରସରୁ ବର୍ତ୍ତିବା ପାଇଁ କେମିକାଲ ହୋଲି ନ ଖେଳିବାକୁ ପରାମର୍ଶ ଦେଇଥିଲେ । ଏପରି ନିଆରା ଉତ୍ସବ ପାଳନ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଗ୍ରାମବାସୀ ମଧ୍ୟ ସିନ୍ଦୂର, ହଳଦୀ ଓ ଚନ୍ଦନରେ ହୋଲି ମନାଇବା ଦେଖିବାକୁ ମିଳିଥିଲା। ଗୋବିନ୍ଦାପଲିରେ ମଧ୍ୟ କରୋନା ପ୍ରଭାବ ଦେଖିବାକୁ ମିଳିଛି। ଚାଇନା ସାମଗ୍ରୀକୁ ଲୋକେ ବର୍ଜନ କରି ସ୍ୱଦେଶୀ ଫଗୁରେ ହୋଲି ଖେଳିଥିଲେ।

## ପିଲାଙ୍କୁ ସବୁଦିନ ସ୍କୁଲ ପଠାଇବାକୁ ସଙ୍କଳ୍ପ ନେଲେ ଅଭିଭାବକ

**ମାଲକାନଗିରି,୧୧।୩(ଡି.ଏନ.ଏ.)-** ମାଲକାନଗିରି ଜିଲା ମାଥିଲି ବ୍ଲକ୍ ଅଧୀନ ଉଡୁଲିବେଡ଼ା ପଞ୍ଚାୟତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଚାଲାଣଗୁଡ଼ା-୨ ପକ୍ଷରୁ ଏକ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରହ୍ଲାଦ ଛାଟୋଇଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମ ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ଏଥିରେ ପ୍ରଧାନଶିକ୍ଷକ ବିପ୍ର ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୌରୀ ଦେଇ, ଖଇରପୁଟ ଏବିଇଓ ଅନୁପ ପରିଚ୍ଛା, ପ୍ରହ୍ଲାଦ ଛାଟୋଇଙ୍କ ସମେତ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ସାମିଲ ହୋଇଥିଲେ। ଏହି ଅବସରରେ ଶିକ୍ଷା ଅଧିକାର ଏବଂ ଶିକ୍ଷାର ମହତ୍ତ୍ୱ ବୁଝାଇବା ସହ ୬ରୁ ୧୪ ବର୍ଷର ଶିଶୁଙ୍କୁ ଘରୋଇ କାମରେ ନିୟୋଜିତ ନ କରି ପ୍ରତ୍ୟହ ସ୍କୁଲକୁ ପଠାଇବାକୁ ଅଭିଭାବକଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅଭିଭାବକମାନେ ମଧ୍ୟ ପିଲାଙ୍କୁ ସବୁଦିନ ବିଦ୍ୟାଳୟ ପଠାଇବାକୁ ସଙ୍କଳ୍ପ ନେଇଥିଲେ। 'ସବୁଦିନ ଆମେ ସ୍କୁଲ ଯିବା' ସ୍ଲୋଗାନ ଦେଇ ପିଲାମାନେ ଚାଲାଣଗୁଡ଼ା ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ୨ଟି ସଚେତନତାମୂଳକ ନାଟକ ମଞ୍ଚସ୍ଥ ହୋଇଥିଲା।

# ବିଭିନ୍ନ ସ୍ଥାନରେ ଦୁର୍ଘଟଣା: ଜଣେ ମୃତ, ୧୫ ଆହତ

**କାଲିମେଲା,୧୧।୩(ଡି.ଏନ.ଏ)** କାଲିମେଲା ବ୍ଲକ ଅନ୍ତର୍ଗତ ବିଭିନ୍ନ ଜାତୀୟ ରାଜପଥରେ ବୁଧବାର ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଛି। ପ୍ରାୟ ୧୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଗୁରୁତର ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରରୁ ଜଣାପଡିଛି ମାଲକାନଗିରି କାଲିମେଲା ଜାତୀୟ ରାଜପଥର ଏମଭି-୧୯ ନିକଟରେ ଏକ ବରଯାତ୍ରୀ ଗାଡି ଦୁର୍ଘଟଣା ଘଟି ପ୍ରାୟ ୧୨ ଜଣ ଲୋକ ଆହତ ହୋଇଛନ୍ତି। ସିଆଡିମାଳ ଗ୍ରାମରୁ କାଲିମେଲା ଅଞ୍ଚଳକୁ ବିବାହ ଭୋଜିରେ ଯୋଗଦେବା ପାଇଁ ଏକ ପିକଅପ ଭ୍ୟାନରେ ଏହି ଯାତ୍ରୀମାନେ ଆସୁଥିବା ବେଳେ ଏମଭି-୧୯ ନିକଟରେ ଦୁର୍ଘଟଣା ଘଟି ଗାଡିଟି ରାସ୍ତା କଡକୁ ଓଲଟି ପଡିଥିଲା। ଫଳରେ ଗାଡି ଭିତରେ ବସିଥିବା ୧୨ ଜଣ ଯାତ୍ରୀ ଆହତ ହୋଇଥିଲେ। ସେମାନଙ୍କ ଭିତରୁ ୮ ଜଣ ଗୁରୁତର ହୋଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସେହିପରି କାଲିମେଲା ମୋଟୁ ଜାତୀୟ ରାଜପଥର ଏମଭି-୧୨୬ ଓ ଏମଭି-୭୧ ଛକର ମଧ୍ୟ ଭାଗରେ ଜଣେ ପଥଚାରୀଙ୍କୁ ପଛପଟୁ ଏକ ବାଇକ୍ ଧକ୍କା ଦେବା ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ନାମ ଜଗୁ ପାଙ୍ଗି(୬୫)। ତେଲରାଇ ପଞ୍ଚାୟତର ଏମଭି-୧୨୬ ଗ୍ରାମରେ ଜଗୁଙ୍କ ଘର। ତାଙ୍କୁ ସେଠାରୁ ଉଦ୍ଧାର କରି ତୁରନ୍ତ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚକିତ୍ସା ଚାଲିଥିବା ବେଳେ ସେଠାରେ ଜଗୁଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକଙ୍କୁ ଅଟକ ରଖି ଏମଭି-୭୯ ଥାନାରେ ଜିମା ଦେଇଛନ୍ତି। ତୃତୀୟଟି ମଙ୍ଗଳବାର ସନ୍ଧ୍ୟା ସମୟରେ କାଲିମେଲା ପଡିଆ ଜାତୀୟ ରାଜପଥ କନ୍ୟାଶ୍ରମ ନିକଟରେ ଘଟିଛି। ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇ ୩ ଜଣ ଆହତ ହୋଇଛନ୍ତି। କାଇମେଟଲା ପଞ୍ଚାୟତ ଏମପିଭି-୭୫ ଗ୍ରାମର ପ୍ରସନଜିତ ବାନାର୍ଜୀ (୨୮),କ୍ରିଷ୍ଣପଦ ବାନାର୍ଜୀ(୬୦) ଏବଂ ବିଷ୍ଣୁପଦ ବାନାର୍ଜୀ (୭୦) ଏକ ମୋଟର ସାଇକେଲ ଯୋଗେ ନିଜ ଗ୍ରାମରୁ ପଡିଆ ଅଭିମୁଖେ ଯାଉଥିବା ବେଳେ କନ୍ୟାଶ୍ରମ ଛକଠାରୁ ଅଳ୍ପ ଦୂରରେ ସମ୍ମୁଖପଟୁ ଆସୁଥିବା ଏକ ଗାଡିର ଲାଇଟ ଏହି ବାଇକ ଚାଳକଙ୍କ ଉପରେ ପଡିବା ଯୋଗୁ ବାଇକ ଚାଳକ ଭାରସାମ୍ୟ ହରାଇ ରାସ୍ତା କଡରେ ପଡିଥିବା ମେଟାଲ ଗଦା ଉପରେ ବାଇକ ପଡିଯାଇଥିଲା। ଏଥିରେ ୩ଜଣଯାକ ଆହତ ହୋଇଥିଲେ। ସେମାନଙ୍କୁ କାଲିମେଲା ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା।

# ସରିଲା ମା' ନାକଟେଶ୍ୱରୀଙ୍କ ଯାତ୍ରା


ମା' ନାକଟେଶ୍ୱରୀ ସହର ପରିକ୍ରମା କରୁଛନ୍ତି ।

**ମାଲକାନଗିରି,୧୧।୩(ଡି.ଏନ.ଏ.)-** ମାଲକାନଗିରି ଜିଲା ସଦର ମହକୁମାରେ ୮ରୁ ଆରମ୍ଭ ହୋଇଥିବା ପ୍ରସିଦ୍ଧ ମା'ନାକଟେଶ୍ୱରୀଙ୍କ ଯାତ୍ରା ୯ ତାରିଖ ମଧ୍ୟରାତ୍ରରେ ଶେଷ ହୋଇଛି । ପ୍ରଥମ ଦିନ ମା'ଙ୍କ ପୂଜାର୍ଚ୍ଚନା ପାରମ୍ପରିକ ରୀତିନିତୀ ଅନୁଯାୟୀ ହେବା ପରେ ପ୍ରାତଃ କାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଏବଂ ମାନସିକଧାରୀମାନେ ଦେବୀଙ୍କ ନିକଟରେ ପୂଜା କରିଥିଲେ । ସନ୍ଧ୍ୟାରେ ଜିଲାର ବିଭିନ୍ନ ଅଞ୍ଚଳରୁ ନିମନ୍ତ୍ରିତ ହୋଇ ଆସିଥିବା ଦେବଦେବୀ ମା'ଙ୍କ ମନ୍ଦିର ପ୍ରାଙ୍ଗଣରେ ଏକତ୍ରିତ ହୋଇଥିଲେ । ସେଠାରେ ପୂଜା ପରେ ମା'ମାଉଲୀଙ୍କ ମନ୍ଦିରରୁ ଗ୍ରାମ ମୁଖିଆ, ଦିଶାରୀ, ଗୁଣିଆ, ଲାଠିଧାରୀଙ୍କ ସହ ସ୍ଥାନୀୟ ଜନସାଧାରଣ ଏକ ଶୋଭାଯାତ୍ରା ବାହାରି ଜିଲା ସଦର ମହକୁମା ପରିକ୍ରମା କରି ମଧ୍ୟରାତ୍ରରେ ମା'ନାକଟେଶ୍ୱରୀଙ୍କ ମନ୍ଦିରରେ ପହଞ୍ଚିଥିଲେ । ମଧ୍ୟ ରାତ୍ରରେ ମା'ଙ୍କ ଶେଷ ଭୋଗ କରାଯିବା ପରେ ମନ୍ଦିର ଚର୍ତୁପାର୍ଶ୍ୱରେ ବେଢ଼ା ପରିକ୍ରମା କରିଥିଲେ। ପରେ ଯାତ୍ରା ଶେଷ ହୋଇଥିଲା। ମଙ୍ଗଳବାର ସକାଳୁ ସମସ୍ତ ଗ୍ରାମରୁ ଆସିଥିବା ଦେବଦେବୀ ବିଦାୟ ନେଇଛନ୍ତି ବୋଲି ମୁଖ୍ୟ ପୂଜକ ତ୍ରିନାଥ ରାଜୁ କହିଛନ୍ତି। ଏହିଯାତ୍ରାରେ ପଡୋଶୀ ଛତିଶଗଡ,ଆନ୍ଧ୍ର ଏବଂ ଜିଲା ବାହାରରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭିଡ ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପୌର ପରିଷଦ ତରଫରୁ ପାନୀୟ ଜଳ, ପୂଜା କମିଟି ପକ୍ଷରୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ପୂଜାରୀ,ଦିଶାରୀ, ଓ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

ମା'ଙ୍କ ଏହି ଯାତ୍ରା ସମ୍ପର୍କରେ ଜଣାପଡିଛି ଯେ, ୨୮ବର୍ଷ ତଳେ ମାଁ ନାକଟେଶ୍ୱରୀଙ୍କ ପୂଜାରେ ବ୍ୟତିକ୍ରମ ହେବାରୁ ମାଲକାନଗିରି ଚିଦାନନ୍ଦ ସାହି, କୁମ୍ଭାର ସାହି, ଜେଲ ସାହି ଏବଂ ଧୋବା ସାହିରେ ଅଗ୍ନିକାଣ୍ଡ ଘଟି ଶହ ଶହ ଘର ପୋଡି ଯାଇଥିଲା । ନିଆଁ ଲିଭାଇବା ପରେ ମଧ୍ୟ ବିଭିନ୍ନ ସ୍ଥାନରେ ହଠାତ୍ ଅଗ୍ନିକାଣ୍ଡ ଘଟୁଥିଲା। ପରେ ମନ୍ଦିରର ପୂଜକମାନେ ଦେବୀଙ୍କ ଶରଣ ପଶି ପୂଜାର ବ୍ୟତିକ୍ରମ ଲାଗି କ୍ଷମା ପ୍ରାର୍ଥନା କରିଥିଲେ । ସେହି ଦିନଠାରୁ ପ୍ରତି ଦୁଇ ବର୍ଷରେ ଥରେ ବିଧି ଅନୁଯାୟୀ ନାକଟେଶ୍ୱରୀଙ୍କ ଯାତ୍ରା ହୋଇଆସୁଛି ।

## କାଲିମେଲାରେ ବିଜୁ ଜୟନ୍ତୀ ପାଳିତ

**କାଲିମେଲା,୧୧।୩(ଡି.ଏନ.ଏ.)** ମାଲକାନଗିରି ଜିଲା ବିଜୁ ଜନତା ଦଳ ପକ୍ଷରୁ କାଲିମେଲା ବ୍ଲକ ସଦରସ୍ଥିତ ବସଷ୍ଟାଣ୍ଡ ନିକଟରେ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୪ ତମ ଜୟନ୍ତୀ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉତ୍ସବରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି, ମୁଖ୍ୟବକ୍ତା ରୂପେ ମାଲକାନଗିରି ବିଜେଡି ଜିଲା ସଭାପତି ତଥା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଉପସ୍ଥିତ ରହି ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ରାଜେନ୍ଦ୍ର ପଣ୍ଡା,ଜିଲା ନିର୍ବାଚନ ଅଧିକାରୀ ଆଡମା ରାବା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପଦ୍ମିନୀ ମୁଦୁଲି, ବରିଷ୍ଠ ନେତା ଗୋପାଳ ପଣ୍ଡା, ଦୁର୍ଗା ତ୍ରିପାଠୀ, ଜିଲ୍ଲା ଆଇନଜୀବୀ ସଂଘ ସଭାପତି ନୃସିଂହ ଚରଣ ମହାନ୍ତି, ମାଲକାନଗିରି ବ୍ଲକ ଅଧ୍ୟକ୍ଷ ଅକ୍ଷୟ ନାୟକ, କୋରୁକୋଣ୍ଡା ବ୍ଲକ ସଭାପତି ସତ୍ୟ ପାଣିଗ୍ରାହୀ, ହୃଦାନନ୍ଦ ସାହୁ, ମଙ୍ଗଳା ପାଙ୍ଗି, ପୂର୍ଣ୍ଣ ଭତ୍ରା, ଉଦୟ ମାଦ୍ରି, ଇ. ଭେଙ୍କଟ ରାଓ, ଦିଲୀପ ବିଶ୍ୱାସ, କାର୍ତ୍ତିକ ଦେବନାଥ, ଶଙ୍କର ହାଲଦାର,ବାବାଜୀ ମଲ୍ଲିକ ,ସୁଜୟ ମିସ୍ତ୍ରି ପ୍ରମୁଖ ଉପସ୍ଥିତ ରହି ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ରୁଦ୍ର ପାତ୍ର ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ସ୍ଥାନରୁ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଅଂଶଗ୍ରହଣ କରିଥିଲେ।

# ରୋଗୀ କଲ୍ୟାଣ ସମିତିର ପରିଚାଳନା କମିଟି ବୈଠକ



ରୋଗୀ କଲ୍ୟାଣ ସମିତି ବୈଠକରେ ମଞ୍ଚାସୀନ ଅତିଥି ।

**ମାଲକାନଗିରି,୧୧।୩(ଡି.ଏନ.ଏ.)** ମାଲକାନଗିରି ଜିଲା କୋରୁକୋଣ୍ଡା ସଦର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ରୋଗୀ କଲ୍ୟାଣ ସମିତିର ପରିଚାଳନା କମିଟି ବୈଠକ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ ମିଶନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ମାଲକାନଗିରି ବିଧାୟକ ଆଦିତ୍ୟ ମାଢି ଓ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପଡିଆମି, କୋରୁକୋଣ୍ଡା ବିଡିଓ ଦାଶରଥୀ ସରାବୁ, ମାଧବ ସାବତ, ତ୍ରିଲୋଚନ ଚୌଧୁରୀ, ପ୍ରକାଶ ମଜୁମଦାର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଦେବାଶିଷ ନାୟକ, ବ୍ଲକ ବିପିଏମ୍ ପ୍ରୀତିରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ଯୋଜନା କିପରି କାର୍ଯ୍ୟକାରୀ ହୋଇଛି ସେ ବିଷୟରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ. ନାୟକ ସୂଚନା ଦେଇଥିଲେ। ୨୦୧୮-୧୯ ଅପେକ୍ଷା ଚଳିତ ବର୍ଷ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ହାର ବୃଦ୍ଧି ପାଇ ୯୮ ପ୍ରତିଶତ ହୋଇଛି। ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ରୋଗୀଙ୍କ ରେଫେରାଲ ସଂଖ୍ୟା ହ୍ରାସ ପାଇଛି। ସରକାରଙ୍କ ତରଫରୁ ଜନନୀ ସୁରକ୍ଷା ଯୋଜନା ଏବଂ ସମ୍ପୂର୍ଣ୍ଣା ଯୋଜନାର ଅନୁଦାନ ରାଶି ସମସ୍ତ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ୨୦୧୭ ରୁ ୨୦୧୯ ମଧ୍ୟରେ ମାଲେରିଆ ହାର ଯଥେଷ୍ଟ କମିଛି ବୋଲି ଡା.ନାୟକ ପ୍ରକାଶ କରିଥିଲେ । ପରେ ବିପିଏମ୍ ମହାନ୍ତି ଖର୍ଚ୍ଚର ସମ୍ପୂର୍ଣ୍ଣ ବିବରଣୀ ପାଠ କରିଥିଲେ।

## ଜଳବାୟୁ ପରିବର୍ତ୍ତନକୁ ରୋକିବାରେ ଯୁବପିଢିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ


ଶିବିରରେ ଉପସ୍ଥିତ ଯୁବ ପିଢି ।

**ମାଲକାନଗିରି,୧୧।୩(ଡି.ଏନ.ଏ.)** ପରିବର୍ତ୍ତିତ ଜଳବାୟୁ ଏବେ ମାନବ ସମାଜ ପାଇଁ ବିପଦ ସୃଷ୍ଟି କରିଛି। ଦୈନନ୍ଦିନ ଜଳବାୟୁ ପରିବର୍ତ୍ତନ ଯୋଗୁ ପୃଥିବୀରେ ବନ୍ୟା, ବାତ୍ୟା, ମରୁଡି, ବିଭିନ୍ନ ରୋଗ ଆଦି ବ୍ୟାପିବାରେ ଲାଗିଛି। ଏହାକୁ ଯଦି ରୋକା ନ ଯାଏ ଆଗାମୀ ଦିନରେ ପ୍ରାଣୀ ଜଗତ ଏବଂ ଜୀବ ଜଗତ ପାଇଁ ବିପଦ ସୃଷ୍ଟି ହେବ। ଏଥିପାଇଁ ଯୁବପିଢିଙ୍କ ଗୁରୁଦାୟିତ୍ୱ ରହିଛି। ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରି ବ୍ୟାପକ ବୃକ୍ଷରୋପଣ, ଜଙ୍ଗଲ ସୁରକ୍ଷା କରିବା ବର୍ତ୍ତମାନ ପରିସ୍ଥିତିରେ ଅପରିହାର୍ଯ୍ୟ ହୋଇପଡିଛି। ମାଲକାନଗିରି ସଦର ମହକୁମାସ୍ଥିତ ମଲ୍ଲିକେଶ୍ୱର ସମ୍ମିଳନୀ କକ୍ଷରେ ଚାଲିଥିବା ୩ଦିନିଆ ଯୁବପିଢି ତାଲିମ ଶିବିରର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଶିବିରରେ ବିଭିନ୍ନ ବିଷୟରେ ତାଲିମ ପାଇଥିବା ଯୁବଗୋଷ୍ଠୀ ନିଜ ଅଞ୍ଚଳର ବିକାଶ ପାଇଁ ନିଜର ଅଭିଜ୍ଞତାକୁ କାର୍ଯ୍ୟରେ ଲଗାଇଲେ ସେମାନେ ନିଜ ଅଞ୍ଚଳର ବିକାଶ କରିପାରିବେ ବୋଲି ଅତିଥିମାନେ କହିଥିଲେ। ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ଭାରତୀୟ ଷ୍ଟେଟବ୍ୟାଙ୍କ ତାଲିମ କେନ୍ଦ୍ର ନିର୍ଦ୍ଦେଶକ ରାଜଶେଖର ପଟ୍ଟନାୟକ, ଏପିଓ ପ୍ରସନ୍ନ ବାଘଙ୍କ ସମେତ ଅନ୍ୟ ଅତିଥିମାନେ ଏହା କହିଛନ୍ତି।

# ତାଲିମ ନେଲେ ୨୨କ୍ଷେତ୍ର କର୍ମଚାରୀ


ଜନଗଣନା ନେଇ ଆରମ୍ଭ ହୋଇଥିବା ତାଲିମ କାର୍ଯ୍ୟକ୍ରମ ।

**ମାଲକାନଗିରି,୧୧।୩ (ଡି.ଏନ୍.ଏ.)** ଆସନ୍ତା ଏପ୍ରିଲରୁ ଦେଶର ଅଷ୍ଟମ ଜନ ଗଣନା ଆରମ୍ଭ ହେବ। ଏଥିପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଜିଲାସ୍ତରରେ ମଧ୍ୟ ଜନଗଣନା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ମାଲକାନଗିରି ସଦର ମହକୁମାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ୨୨ଜଣ କ୍ଷେତ୍ର କର୍ମଚାରୀ ତାଲିମ ନେଇଛନ୍ତି। ସେମାନଙ୍କୁ ୨ଜଣ ମାଷ୍ଟର ଟ୍ରେନର ତାଲିମ ଦେଇଛନ୍ତି। ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଭାରପ୍ରାପ୍ତ ଜନଗଣନା ଅଧିକାରୀ ପ୍ରମୋଦ କୁମାର ବେହେରା ଜନଗଣନା ସମ୍ପର୍କରେ ସୂଚନା ଦେଇଥିଲେ। ମାଷ୍ଟର ଟ୍ରେନର ମାଥିଲି ତହସିଲଦାର ମେଘନାଥ ବାଘ ଓ ସହକାରୀ ନିର୍ଦ୍ଦେଶକ ହରମନ ବିଶ୍ୱାଳ ୨୨ ଜଣ କ୍ଷେତ୍ର କର୍ମଚାରୀଙ୍କୁ ତାଲିମ ଦେଇଥିଲେ। ମାଲକାନଗିରି ଜିଲାରେ ୨୧୮ ଜଣ ସୁପରଭାଇଜର ଓ ୧୨୮୮ ଜଣ ଜନଗଣନାକାରୀ ତାଲିମ ନେଇ ଜନଗଣନା କାର୍ଯ୍ୟରେ ନିୟୋଜିତ ହେବେ । ଏହି ତାଲିମ କାର୍ଯ୍ୟକ୍ରମ ଆସନ୍ତା ୧୭ ପର୍ଯ୍ୟନ୍ତ ଚାଲିବ।। ଆସନ୍ତ ଏପ୍ରିଲରୁ ଜନଗଣନା ଆରମ୍ଭ ହେବ।

**ଏପ୍ରିଲରୁ ଜନଗଣନା**

## ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା


ଛାତ୍ରୀଛାତ୍ରଙ୍କ ବାହାରିଥିବା ଶୋଭାଯାତ୍ରା ।

**କୋରୁକୋଣ୍ଡା, ୧୧।୩(ଡି.ଏନ.ଏ)** କୋରୁକୋଣ୍ଡା ବ୍ଲକ ପୋଟେରେଲ ଆଶ୍ରମ ବିଦ୍ୟାଳୟରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା ଏବଂ ଉମାକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ପୋଟେରେଲ ଗ୍ରାମର ବିଭିନ୍ନ ଅଞ୍ଚଳ ବୁଲି ଜନସାଧାରଣଙ୍କୁ ସଚେତନ କରିଥିଲେ। ପ୍ରଧାନଶିକ୍ଷକ ବାସୁଦେବ ମାଝୀ ଅଧ୍ୟକ୍ଷତା କରିଥିଲେ। ଖାଇବା ପୂର୍ବରୁ ହାତ ଧୋଇ ଖାଇବା, ପରିବେଶକୁ ସ୍ୱଚ୍ଛ ନିର୍ମଳ ରଖିବା ନେଇ ଛାତ୍ରୀଛାତ୍ର ସଚେତନ କରିଥିଲେ।

# ନାବାଳିକା ଅପହରଣ ଘଟଣା, ଅଭିଯୁକ୍ତ ଗିରଫ

**ଏମ୍‌ଭି ୭୯,୧୧।୩(ଡି.ଏନ.ଏ.)-** ମାଲକାନଗିରି ଜିଲା ପଡ଼ିଆ ବ୍ଲକ ଶିମିଳିବାଞ୍ଚା ପଞ୍ଚାୟତ ଅନ୍ତର୍ଗତ ଏମ୍‌ପିଭି-୬୮ ଗ୍ରାମରୁ ଅପହୃତ ନାବାଳିକାଙ୍କୁ ପୋଲିସ ଛତିଶଗଡ଼ରୁ ଉଦ୍ଧାର କରିଛି। ଏଥିସହ ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୁକ୍ତ ରାକେଶ ଦାସ (୨୬)ଙ୍କୁ ପୋଲିସ ଗିରଫ କରିଛି। ଏନେଇ ନାବାଳିକାଙ୍କ ପରିବାର ଲୋକେ ରବିବାର ଏମ୍‌ଭି-୭୯ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି କେସ୍ ନଂ. ୧୯/୨୦ ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଉଦ୍ଧାର ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଥିବା ଆଇଆଇସି ହରିଶ୍ଚନ୍ଦ୍ର ଗୋଲରୀ କହିଛନ୍ତି।

# ନିର୍ମାଣ ଶ୍ରମିକ ସେବା ସପ୍ତାହ ପାଳିତ

**ମାଲକାନଗିରି,୧୧।୩ (ସ୍ୱ.ପ୍ର.)** ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନଠାରେ ନିର୍ମାଣ ଶ୍ରମିକ ସେବା ସପ୍ତାହ ପାଳିତ ହୋଇଯାଇଛି। ଜିଲାପାଳ ମନୀଷ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢି ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ମାନସ ମାଡକାମି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମୀ, ଅତିରିକ୍ତ ଜିଲାପାଳ ବୀରେସନ ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ଗୁଣନିଧି ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ଯୁବ ରେଡକ୍ରସର ଆବାହକ ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ ସ୍ୱାଗତ ସୂଚନା ଦେଇଥିଲେ। ଜିଲା ଶ୍ରମ ଅଧିକାରୀ ମଦନମୋହନ ପାଇକ ଧନ୍ୟବାଦ ଦେଇଥିଲେ। ସଭାରେ ୩୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଯୋଗ ଦେଇଥିଲେ। ଉପସ୍ଥିତ ଶ୍ରମିକଙ୍କୁ ୬୩ ଲକ୍ଷ ଟଙ୍କାର ବିବାହ ଅନୁଦାନ ପ୍ରଦାନ କରାଯାଇଥିଲା। ଶିକ୍ଷାରେ ଉନ୍ନତି, ନିର୍ମାଣ ଶ୍ରମିକ ଗୃହ ନିର୍ମାଣ, ଶ୍ରମିକଙ୍କ ଲାଗି ରହିଥିବା ଜୀବନବୀମା ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଥିଲା।


ଶ୍ରମିକ ସେବା ସପ୍ତାହ କାର୍ଯ୍ୟକ୍ରମ ଉପସ୍ଥିତ ନିର୍ମାଣ ଶ୍ରମିକମାନେ ।

# ପର୍ବପର୍ବାଣିରେ ପୂର୍ବ ଭଳି ପଡୁଛି ବଳି

**ଆଦିବାସୀଙ୍କ ଉପରେ ପଡୁନି ସଚେତନତାମୂଳକ କାର୍ଯ୍ୟକ୍ରମର ପ୍ରଭାବ**


ଯାତ୍ରାରେ ବଳି ପାଇଁ ମାନସିକଧାରୀ ଆଣିଥିବା ଛେଳି ।

**କୋରୁକୋଣ୍ଡା, ୧୧।୩(ଡି.ଏନ.ଏ)** ଆଦିବାସୀଙ୍କ ମନରୁ ଅନ୍ଧବିଶ୍ୱାସ ହଟିନି। ପର୍ବପର୍ବାଣିରେ ବଳି ନ ଦେବା ନେଇ ବିଭିନ୍ନ ସମୟରେ ପ୍ରଶାସନ ପକ୍ଷରୁ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ସେମାନଙ୍କ ଉପରେ ପଡୁନି। ଏବେ ମଧ୍ୟ ସେମାନେ ଠାକୁରାଣୀ ଯାତ୍ରାରେ ବଳି ଦେଉଛନ୍ତି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ମାରିୱାଡା ପଞ୍ଚାୟତରେ। ହୋଲିରେ ପୌଢ ବଳିଦେଇ ଦେବୀଙ୍କୁ ପ୍ରସନ୍ନ କରିବା ଲାଗି ମାରିୱାଡା ମାଉଳି ମା'ଙ୍କ ପୀଠରେ ପୋଢ ସହ ହଜାର ହଜାର ଛେଳି ଓ କୁକୁଡା ବଳି ଦେଇଛନ୍ତି ଶ୍ରଦ୍ଧାଳୁ। ପ୍ରତି ଦୁଇ ବର୍ଷରେ ଥରେ ମାରିୱାଡାଠାରେ ଦୋଳ ପୂର୍ଣ୍ଣିମା ଅବସରରେ ମା' ମାଉଳିଙ୍କ ଯାତ୍ରା ହୋଇଥାଏ। ଚଳିତବର୍ଷର ଯାତ୍ରା ଦୋଳ ପୂର୍ଣ୍ଣିମା ଅବସରରେ ଶେଷ ହୋଇଛି। ଆଖପାଖ ଅଞ୍ଚଳ ୫୦ ଖଣ୍ଡ ଗ୍ରାମର ଲୋକେ ଯୋଗ ଦେଇଥିଲେ। ଏହାସହ ଆଦିବାସୀ ଲୋକେ ମା'ଙ୍କୁ ପ୍ରସନ୍ନ କରିବା ସକାଶେ ପୋଢ ସହ ହଜାର ହଜାର ସଂଖ୍ୟାରେ ଛେଳି ଓ କୁକୁଡା ବଳି ଦେଇଛନ୍ତି। ପ୍ରଥମେ ଛେଳି କୁକୁଡା ବଳି ଦେବା ପରେ ଶେଷରେ ପୋଢ ବଳି ପଡେ। ପୌଢ ବଳି ପରେ ଯାତ୍ରା ଶେଷ ହୋଇଥାଏ। ବିଭିନ୍ନ ସ୍ଥାନରୁ ଏଠାକୁ ଆସୁଥିବା ମାନସିକଧାରୀଙ୍କ କହିବାନୁଯାୟୀ ବଳି ଦେଲେ ଠାକୁରାଣୀ ଗାଁର କିଛି ଅନିଷ୍ଟ କରି ନ ଥାନ୍ତି। ଏଥିଯୋଗୁ ଏଠାରେ ବଳି ପ୍ରଥା ଚାଲିଛି। ସୂଚନାଯୋଗ୍ୟ ଯେ, ପ୍ରତି ଦୁଇ ବର୍ଷରେ ଥରେ ମାଲକାନଗିରି ଜିଲାର ପ୍ରସିଦ୍ଧ ବଡଯାତ୍ରାରେ ଦେବୀ ମୁତୁଲୁଆମ୍ମାଙ୍କ ସହ କାନାମରାଜ, ବାଲାରାଜ ଓ ପୋତରାଜ ପୂଜା ପାଇଥାନ୍ତି। ସେହି ବର୍ଷ ମାରିୱାଡା ମାଉଳି ମା'ଙ୍କ ପୀଠ ସହ ଆଲୁରକୋଟା ଦେବୀ ପୀଠରେ ପୂଜା ହୋଇ ନ ଥାଏ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ମାର୍ଚ୍ଚ ୧୨/୨୦୨୦ Rayagada, Thursday, March 12 / 2020

# ଖଇରପୁଟରେ ବଢୁଛି ଜଳକଷ୍ଟ

ଖଇରପୁଟ,୧୧।୩(ଡି.ଏନ.ଏ.)


ଜଳ ସମସ୍ୟା ଦୂର କରିବା ପାଇଁ ନିର୍ମାଣ ହୋଇଥିବା ଜଳ ପ୍ରକଳ୍ପ ଅଚଳ ହୋଇପଡିଛି।

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ସଦର ମହକୁମାରେ ଜଳକଷ୍ଟ ବଢିବାରେ ଲାଗିଛି । ଅଞ୍ଚଳରେ ଜଳଯୋଗାଣ ପାଇଁ ଗୋଟିଏ ମାତ୍ର ଓଭରହେଡ୍ ଟ୍ୟାଙ୍କ ରହିଛି। ଏହାର ଜଳଧାରଣ କ୍ଷମତା ୩୦ହଜାର ଲିଟର। ଜଳକଷ୍ଟ ଦୂର ପାଇଁ ଜିଲାପାଳଙ୍କୁ ଖଇରପୁଟ ଅଞ୍ଚଳର ମହିଳାମାନେ ଜଣାଇଥିଲେ ମଧ୍ୟ ଏଯାଏ କୌଣସି ସମାଧାନ କରାଯାଇନାହିଁ। ବର୍ତ୍ତମାନଠାରୁ ଏ ଦିଗରେ ପଦକ୍ଷେପ ନ ନେଲେ ଆଗକୁ ଆସୁଥିବା ଖରାଦିନେ ପରିସ୍ଥିତି ଆହୁରି ଜଟିଳ ହୋଇପଡିବ। ସୂଚନାଯୋଗ୍ୟ ଯେ, ଏହି ଅଚଳରେ ଆଉ ଏକ ବୋର ୱେଲ ଖୋଳାଯାଇଥିଲେ ମଧ୍ୟ ପମ୍ପହାଉସ ଏପର୍ଯ୍ୟନ୍ତ ନିର୍ମାଣ କରାଯାଇପାରିନାହିଁ। ଏ ସମ୍ପର୍କରେ ମାଲକାନଗିରିସ୍ଥିତ ବିଭାଗୀୟ ନିର୍ବାହୀଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଖଇରପୁଟ ପାଇଁ ଆଉ ଏକ ପମ୍ପହାଉସ ସହ ଓଭରହେଡ ଟ୍ୟାଙ୍କ ପାଇଁ ପ୍ରସ୍ତାବ ଯାଇଛି । ଏପର୍ଯ୍ୟନ୍ତ ତାହା ଆପ୍ରୁଭାଲ ହୋଇ ନ ଥିବାରୁ କୌଣସି ପଦକ୍ଷେପ ନିଆଯାଇପାରୁନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଗଜପତି ଜିଲାର ସ୍କାଉଟ୍‌ସ ଓ ଗାଇଡ୍‌ସଙ୍କ ସଫଳତା

ପାରଳାଖେମୁଣ୍ଡି,୧୧।୩(ସ୍ୱ.ପ୍ର.)

ମିନି ଜମ୍ବୁରୀ ପ୍ରତିଯୋଗିତା



ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ପ୍ରତିଯୋଗୀମାନେ।

ଗଜପତି ଜିଲା ସ୍କାଉଟ୍‌ସ ଏବଂ ଗାଇଡ୍‌ସର ୪ ଛାତ୍ରୀ ଏବଂ ୧୨ଛାତ୍ର ରାଜ୍ୟସ୍ତରୀୟ ମିନି ଜମ୍ବୁରୀ କାର୍ଯ୍ୟକ୍ରମରେ ଯୋଗଦେଇ ସଫଳତା ହାସଲ କରିଛନ୍ତି। ଡିଇଓ ପ୍ରଦୀପ କୁମାର ନାଗଙ୍କ ନିର୍ଦ୍ଦେଶକ୍ରମେ ଛାତ୍ରୀଛାତ୍ରମାନେ ଭୁବନେଶ୍ୱରଠାରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ଦେଶାତ୍ମବୋଧ ସଙ୍ଗୀତ, ନୃତ୍ୟ, ଖାଦ୍ୟମେଳା ଆଦି ଅନୁଷ୍ଠିତ ହୋଇଥିଲା। ଖାଦ୍ୟମେଳାରେ ଗଜପତି ଜିଲା ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଶ୍ରେଷ୍ଠ ନେତୃତ୍ୱକାରୀ ଭାବେ ଶିକ୍ଷକ କିଶୋର ଚନ୍ଦ୍ର ଦାସ ରୌପ ପଦକ ହାସଲ କରଛନ୍ତି। ପ୍ରତିଯୋଗୀମାନେ ହେଲେ ଖାରଡା ସ୍ଥିତ ବି.ଏମ୍. ନୋଡାଲ୍ ଉଚ୍ଚ ବିଦ୍ୟାଳୟର ୪ ସ୍କାଉଟ୍‌ସ ଏବଂ ଗଣ୍ଡାହାତୀ ସରକାରୀ ଉଚ୍ଚ ବିଦ୍ୟାଳୟର ୮ ସ୍କାଉଟ୍‌ସ ଛାତ୍ର ଓ ୪ ଗାଇଡ୍‌ସ ଛାତ୍ରୀ। ସମସ୍ତେ ଶିକ୍ଷୟିତ୍ରୀ କୁନି ବିଶ୍ୱାଳ, ସ୍କାଉଟ୍‌ସ ଶିକ୍ଷକ ସୁରେନ୍ଦ୍ର କୁମାର ପାତ୍ର, ଶିକ୍ଷକ କିଶୋର ଚନ୍ଦ୍ର ଦାସ, ସଞ୍ଜୟ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୁବନେଶ୍ୱର ଗସ୍ତ କରିଥିଲେ। ଏଥିରେ ଜିଲା କ୍ରୀଡ଼ା ନିରୀକ୍ଷକ ଏସ୍. ଲକ୍ଷ୍ମଣ ରାଓ ସହଯୋଗ କରିଥିଲେ।

# ବାପା ଟାଙ୍ଗିଆ ଚୋଟରେ ପୁଅ ମୃତ

**ଢେଙ୍କିକୋଟ, ୧୧।୩(ଡି.ଏନ୍.ଏ.):** ଢେଙ୍କିକୋଟ ଫାଣ୍ଡି ଅଧୀନ ଗୋବରାବେଡ଼ା ଗ୍ରାମରେ ଗତ ସୋମବାର ରାତିରେ ବାପାଙ୍କ ଟାଙ୍ଗିଆ ଚୋଟରେ ପୁଅର ମୃତ୍ୟୁ ଘଟିଛି। ମୃତକ ହେଲେ ମାଧବ ନାୟକ(୩୦)। ସେ ପ୍ରଚୁର ମଦ୍ୟପାନ କରି ଘରକୁ ଯାଇଥିଲେ। ଘରେ ପହଞ୍ଚିଲାବେଳେ ତାଙ୍କ ୭ବର୍ଷର ପୁଅ ଭାତ ଖାଉଥିଲା। ପୁଅ ନ ଖାଇବାରୁ ମାଧବ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏହା ଦେଖି ମାଧବଙ୍କ ବାପା ଗୋପୀନାଥ ରାଗିଯାଇ ଏକ ଟାଙ୍ଗିଆ ଆଣି ନିଜ ପୁଅ ମାଧବଙ୍କ ବେକକୁ ଚୋଟ ମାରିଥିଲେ। ପରେ ସେ ତଳେ ପଡ଼ିଯିବାରୁ ଲଗାତର ମୁଣ୍ଡକୁ ଚୋଟ ପରେ ଚୋଟ ମାରି ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଖବର ପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା କନଷ୍ଟେବଲ ମାନସ ରଞ୍ଜନ ରାଉତ, ଘଟଗାଁ ଥାନା ଆଇଆଇସି ବନ୍ଦନା ପାତ୍ର ପହଞ୍ଚି ପୁତ୍ରହନ୍ତା ପିତାକୁ କାବୁ କରିବା ସହ ମାଧବର ମୃତଦେହ ଜବତ କରିଥିଲେ। ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିଛି। ବୁଧବାର ପୋଲିସ ଏକ ହତ୍ୟା ମାମଲା (ନଂ. ୩୨/୨୦) ରୁଜୁ କରି ଗୋପୀନାଥଙ୍କ ଡାକ୍ତରୀ ପରୀକ୍ଷା କରାଯିବାସହ ମାଧବଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପାଟଣା ଡାକ୍ତରଖାନାକୁ ପଠାଯାଇଛି।


ଦୋଳ ପୂର୍ଣ୍ଣିମା ଅବସରରେ ପୁରୋହିତ ପାଞ୍ଜି ଶୁଣାଉଛନ୍ତି।

# ଜଙ୍ଗଲପାଡୁ ଦୋଳ ଉତ୍ସବ ଉଦ୍‌ଯାପିତ

ଗୋଷାଣୀ,୧୧।୩(ଡି.ଏନ୍.ଏ.)

ଗଜପତି ଜିଲା ଗୋଷାଣୀ ପଞ୍ଚାୟତ ଅଧୀନ ଜଙ୍ଗଲପାଡୁ ଗ୍ରାମ ରାଧାଗୋବିନ୍ଦ ମଠରେ ୫ ଦିନିଆ ଦୋଳ ଉତ୍ସବ ହୋଲିରେ ଉଦ୍‌ଯାପିତ ହୋଇଛି। ପ୍ରଥମଥର ପାଇଁ ଏଠାରେ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଠାକୁରଙ୍କ ଗ୍ରାମ ପରିକ୍ରମା, ମଘା ପେଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଶୋଦା ନନ୍ଦନ ମହନ୍ତ ଏବଂ ଗୋବିନ୍ଦ ଦାସଙ୍କ ଉପସ୍ଥିତିରେ ସମସ୍ତ ନୀତି ପାଳନ କରାଯାଇଥିଲା। ଗ୍ରାମର ରାଧାକୃଷ୍ଣ ସେବା ସଂଘର କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଭଜନ ଓ କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସେହିପରି ଉଦ୍‌ଯାପନୀ ଦିନରେ ହୋଲି ପର୍ବକୁ ଆନନ୍ଦର ସହ ପାଳନ କରାଯାଇଥିଲା। ପୁରୋହିତ ନୀଳମଣି ପଣ୍ଡା ପୂଜାର୍ଚ୍ଚନା ସହ ନୂତନ ପାଞ୍ଜି ଶୁଣାଇଥିଲେ।

# ଚଳୁନି ଏକ, ଦଶ ଟଙ୍କିଆ ମୁଦ୍ରା

କାଶୀନଗର, ୧୧।୩ (ଡି.ଏନ୍.ଏ.)

ଗଜପତି ଜିଲା କାଶୀନଗର ବ୍ଲକ୍ ଓ ଏନ୍‌ଏସିରେ ଦୀର୍ଘଦିନ ହେଲା ଦଶ ଟଙ୍କିଆ ମୁଦ୍ରା ଚଳୁନାହିଁ । କୌଣସି ଦୋକାନୀ ଏହାକୁ ଗ୍ରହଣ କରୁ ନ ଥିବାରୁ ଲୋକେ ମଧ୍ୟ ନେବାକୁ ମନା କରୁଛନ୍ତି। ହେଲେ ଏବେ ଛୋଟ ଏକ ଟଙ୍କିଆ ମୁଦ୍ରାର ଅବସ୍ଥା ମଧ୍ୟ ସମାନ ହୋଇଛି। ପ୍ରକାଶ ଯେ, ଜିଲା ସଦର ପାରଳାଖେମୁଣ୍ଡି ସହର ସମେତ ଅନ୍ୟ ଅଞ୍ଚଳରେ ଏଗୁଡ଼ିକର ନେଣ ଦେଣ ଚାଲିଥିଲେ ମଧ୍ୟ କାଶୀନଗରରେ ଏହା ଅଚଳ ହୋଇଛି। ଗୁଜବ ହିଁ ଏପରି ପରିସ୍ଥିତି ସୃଷ୍ଟି କରିଛି ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ପ୍ରକାଶ ପାଇଛି। ଆର୍‌ବିଆଇ ପକ୍ଷରୁ ମୁଦ୍ରାର ଅଚଳ ନେଇ କୌଣସି ଘୋଷଣା କରାଯାଇ ନ ଥିବାବେଳେ ଲୋକଙ୍କୁ ସଚେତନ କରିବାକୁ ଉଦ୍ୟମ ଜାରି ରହିଛି। ତଥାପି ଲୋକେ ବୁଝିବାକୁ ନାରାଜ ବୋଲି କେତେକ ବୁଦ୍ଧିଜୀବୀ କହିଛନ୍ତି। ଗୁଜବରେ ପ୍ରଭାବିତ ନ ହେବା ପାଇଁ କାଶୀନଗରରେ ଥିବା ବ୍ୟାଙ୍କ ପକ୍ଷରୁ ମଧ୍ୟ ଗ୍ରାହକଙ୍କୁ ସଚେତନ କରାଯାଉଥିବା ଜଣାପଡ଼ିଛି।

# ହୋଲିରେ ସବୁଠି ଭାଇଚାରାର ବାର୍ତ୍ତା

ପାରଳାଖେମୁଣ୍ଡି,୧୧।୩(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହରରେ ଆନନ୍ଦୋଲ୍ଲାସରେ ପାଳିତ ହୋଇଛି ରଙ୍ଗର ପର୍ବ ହୋଲି। ସ୍ଥାନୀୟ ଦୋଳବନ୍ଧଠାରେ ଚାଲିଥିବା ପ୍ରସିଦ୍ଧ ଦୋଳ ଉତ୍ସବର ଶେଷ ଦିନରେ ହୋଲି ପର୍ବ ପାଳନ କରାଯାଇଥିଲା। କରୋନା ଭୟରେ ରଙ୍ଗ ଖେଳ ସାମାନ୍ୟ ମାନ୍ଦା ରହିଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ଲୋକେ ଉତ୍ସବ ପାଳନ କରାଯାଇଥିଲା। ସେହିପରି ବିଭିନ୍ନ ରାଜନୈତିକ ଦଳର ନେତାମାନେ ଦଳୀୟ ରାଜନୀତି ଭୁଲି ପରସ୍ପରଙ୍କୁ ରଙ୍ଗ ବୋଳି ଭାଇଚାରାର ବାର୍ତ୍ତା ଦେଇଥିଲେ। ଜାତି ଧର୍ମ ଭୁଲି ସହରବାସୀ ହୋଲିରେ ଏକତ୍ରିତ ହେବା ଦେଖିବାକୁ ମିଳିଥିଲା। ସେହିପରି ଷ୍ଟେଟ୍ ୟୁନିୟନ୍ ଅଫ୍ ଜର୍ଣ୍ଣାଲିଷ୍ଟ(ଏସ୍‌ୟୁଜେ)ର ସଭ୍ୟମାନେ ନିଆରା ଢଙ୍ଗରେ ହୋଲି ପାଳିଥିଲେ। ସ୍ଥାନୀୟ ଆମ୍ବାଝରୀ ଝରଣା ନିକଟରେ ବଣଭୋଜି କରି ପରସ୍ପର ସହ ସ୍ନେହ ଆଦାନ ପ୍ରଦାନ କରିଥିଲେ। ରାସାୟନିକ ରଙ୍ଗ ବଦଳରେ ସେମାନେ ପ୍ରାକୃତିକ ରଙ୍ଗ ସହ ହୋଲି ପାଳିଥିଲେ।

# ଜିଲାସ୍ତରୀୟ ଉଦ୍ୟୋଗୀ ସପ୍ତାହ ପାଳିତ

ପାରଳାଖେମୁଣ୍ଡି,୧୧।୩(ସ୍ୱ.ପ୍ର.)



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ, ଉପଜିଲାପାଳ ଏବଂ ଅନ୍ୟମାନେ।

ଉଦ୍ୟୋଗୀ ସପ୍ତାହ ଅବସରରେ ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ସଭାଗୃହରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ଅନୁପମ ଶାହା ମୁଖ୍ୟ ଅତିଥିଭାବେ ଯୋଗଦେଇ ଔଦ୍ୟୋଗିକ ବିକାଶ ଘଟିଲେ ଜିଲା ଓ ରାଜ୍ୟର ବିକାଶ ସମ୍ଭବ ବୋଲି କହିଥିଲେ। ସେହିପରି ଜଣେ କୁଶଳତାର ସହ ଉଦ୍ୟୋଗ ପ୍ରତିଷ୍ଠା କରିପାରିଲେ, ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ଆତ୍ମ ନିର୍ଭରଶୀଳ କରିବାରେ ସହାୟକ ହୋଇପାରିବେ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ମୋହନ ଶବର, ଜିଲା କୃଷି ଅଧିକାରୀ ବିଜୟ କୁମାର ମହାନ୍ତି, ଜିଲା ମୁଖ୍ୟ ପଶୁ ଚିକିତ୍ସାଧିକାରୀ ଡା. ଦିଲ୍ଲୀପ କୁମାର ପଟ୍ଟନାୟକ, ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ କେ. ସୁଦର୍ଶନ ଉପସ୍ଥିତ ଥିଲେ।

# ନୂତନ ଡ୍ରେନ୍ ପରେ ବି ରାସ୍ତାରେ ଦୂଷିତ ଜଳ


ରାସ୍ତା କଡ଼ରେ ଜମା ହୋଇଥିବା ଆବର୍ଜନା ପାଣି।

ପାରଳାଖେମୁଣ୍ଡି,୧୧।୩(ସ୍ୱ.ପ୍ର.)

ପାରଳାଖେମୁଣ୍ଡି ୧ ନଂ. ୱାର୍ଡ ଅନ୍ତର୍ଗତ ରାଣୀପେଣ୍ଠ ରୋଡ୍ ପାୱାର୍ ହାଉସଠାରୁ ଗୁମ୍ମାନାଳ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ନୂତନ ଡ୍ରେନ୍ କାର୍ଯ୍ୟ ଶେଷ ହୋଇଛି। ତଥାପି ଅଞ୍ଚଳର ସମସ୍ତ ଦୂଷିତ ଜଳ ରାସ୍ତା ଉପରେ ବୋହୁଥିବା ଦେଖିବାକୁ ମିଳିଛି। ଏହା ଅଞ୍ଚଳରେ ଦୁର୍ଗନ୍ଧମୟ ତଥା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ଅନ୍ୟପକ୍ଷରେ ମଶାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ମଧ୍ୟ ସହାୟକ ହୋଇଛି। ଜିଲା ସଦରରେ ଏଭଳି ଅବ୍ୟବସ୍ଥାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଅପରିଷ୍କାର ପାଣି ଯଦି ରାସ୍ତାରେ ବୋହୁଛି, ନୂତନ ଡ୍ରେନ୍ କାହା ସ୍ୱାର୍ଥରେ ନିର୍ମାଣ କରାଯାଇଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ବିଭାଗୀୟ କର୍ତ୍ତୃପକ୍ଷ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦ ସ୍ଥାନ ପାଇଥାଏ।
-ନେପୋଲିୟନ



## ସଂକ୍ଷେପରେ



### ପ୍ରାକୃତିକ ରଙ୍ଗରେ ଜମିଲା ହୋଲି

ଜୟପୁର,୧୧।୩(ନି.ପ୍ର.): ହୋଲି ଅବସରରେ ରଙ୍ଗମାଟି ଅନୁଷ୍ଠାନ ଦ୍ୱାରା ପ୍ରାକୃତିକ ରଙ୍ଗରେ ହୋଲି ଖେଳାଯାଇଛି। ସମାଜର ଅବହେଳିତ ବର୍ଗଙ୍କୁ ହୋଲି ସମାରୋହରେ ସାମିଲ କରାଯାଇଥିଲା। ରଙ୍ଗମାଟି ଅନୁଷ୍ଠାନର ସଦସ୍ୟମାନେ ଗରିବ ବସ୍ତିକୁ ଯାଇ ସେଠାରେ ହୋଲିର ଶୁଭକାମନା ଜଣାଇଥିଲେ ଓ ମିଷ୍ଟାନ୍ନ ବଣ୍ଟନ କରି ସେମାନଙ୍କୁ ହୋଲିର ଖୁସିରେ ସାମିଲ କରିଥିଲେ। ସେମାନେ ରାସାୟନିକ ରଙ୍ଗ ପରିବର୍ତ୍ତେ ପ୍ରାକୃତିକ ରଙ୍ଗରେ ହୋଲି ଖେଳିଥିଲେ। ବିଦେଶୀ ଓ ରାସାୟନିକ ରଙ୍ଗ ପରିବର୍ତ୍ତେ ପ୍ରକୃତିରୁ ମିଳୁଥିବା ପ୍ରାକୃତିକ ସାମଗ୍ରୀ ହଳଦୀ, ନିମ୍ବପତ୍ର, ମୁଲତାନୀ ମାଟି ବ୍ୟବହାର କରି ହୋଲି ଖେଳାଯାଇଥିଲା। ରଙ୍ଗମାଟି ଅନୁଷ୍ଠାନର ସମ୍ପାଦକ ତୁଳସୀ ବେହେରା, ଉପସଭାପତି ସନ୍ଦିପ ସାଇ ପାଣିଗ୍ରାହୀ, ସିଦ୍ଧାର୍ଥ ଶଙ୍କର ସାହୁ ହୋଲି ଖେଳରେ ସାମିଲ ହୋଇଥିଲେ।

### କରୋନା ସଚେତନତା

ଜୟପୁର,୧୧।୩(ନି.ପ୍ର.): ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡକ୍ରସ ଶାଖା ତରଫରୁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ କରୋନା ଭୂତାଣୁ ଓ ଏହାର ଭୟାବହତା ଉପରେ ସଚେତନ କରିବା ପାଇଁ ଏକ ସଭା ଆୟୋଜନ କରାଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଏମ୍. ଯୋଗେଶ୍ୱରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଦ୍ୟାଳୟର ରେଡକ୍ରସ ପରାମର୍ଶଦାତା ତଥା ଜିଲା ଜୁନିୟର ରେଡକ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପ୍ରଭାତ ରଥ ଓ ରଶ୍ମିତା ନାହାକ ଯୋଗ ଦେଇଥିଲେ। କରୋନା ରୋଗରୁ ରକ୍ଷା ପାଇବାର କୌଶଳ, ହାତଧୁଆ ପଦ୍ଧତି ଏବଂ ମୁଖା ବ୍ୟବହାର ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ନିଜେ ସଚେତନ ରହିବା ସହ ପଡ଼ୋଶୀ ଓ ଗ୍ରାମର ଜନସାଧାରଣଙ୍କୁ ସଚେତନ ପାଇଁ ରେଡକ୍ରସ ପରାମର୍ଶଦାତା ଯଜ୍ଞେଶ୍ୱର ପଣ୍ଡା ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

### ଜୁଆ ଆଡ୍ଡାରୁ ୧୦ ଗିରଫ

ଆସିକା,୧୧।୩(ଡି.ଏନ୍.ଏ.): ଆସିକା ଏନଏସି ସୁବର୍ଣ୍ଣେଶ୍ୱର ମନ୍ଦିର ସଂଲଗ୍ନ ଋଷିକୁଲ୍ୟା ନଦୀପଠାରେ ମଙ୍ଗଳବାର ସନ୍ଧ୍ୟାରେ ଚାଲିଥିବା ଏକ ଜୁଆଆଡ୍ଡାରେ ପୋଲିସ ଚଢ଼ାଉ କରି ୧୦ ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କ ନିକଟରୁ ୧ ଲକ୍ଷ ୪୧ ହଜାର ୪ଶହ ଟଙ୍କା, ୧୦ଟି ବାଇକ, ୧୦ ମୋବାଇଲ ଫୋନ, ତାସ ଆଦି ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ଆସିକା ଥାନାରେ ନଂ.୮୮/୨୦ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ଜମାରାଶି ନ ଫେରିଲେ ଅଚଳ କରିବୁ ସରକାରୀ ଅଫିସ୍

## ବିଧାୟକଙ୍କୁ ଦାବିପତ୍ର ଦେଲେ କ୍ଷତିଗ୍ରସ୍ତ ଜମାକାରୀ

ଜୟପୁର,୧୧।୩(ନି.ପ୍ର.)

କୋରାପୁଟ ଜିଲାର ଜୟପୁର ଓ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ଚିଟଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀଙ୍କ ଏକ ପ୍ରତିନିଧି ମଣ୍ଡଳୀ ବିଧାୟକ ତାରାପ୍ରସାଦ ବାହିନୀପତି ଓ ବିଧାୟକ ପ୍ରଭୁ ଜାନିଙ୍କୁ ଭେଟି ୫ ଦଫା ସମ୍ବଳିତ ଦାବିପତ୍ର ଦେଇଛନ୍ତି। ଯଥାଶୀଘ୍ର ସମସ୍ତ ଜମାକାରୀଙ୍କୁ ଚିହ୍ନଟ କରି ଜମା ରାଶି ଫେରସ୍ତ କରିବା ପାଇଁ ଦାବି ହୋଇଛି। ଚଳିତ ବିଧାନସଭା ଅବଧି ମଧ୍ୟରେ ଯଦି ଏହି ଦାବି ପୂରଣ ନ ହୁଏ କିମ୍ବା ଏହାକୁ ଅଣଦେଖା କରାଯାଏ, ତେବେ ଆଗାମୀ ଦିନରେ ଜମାକାରୀ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି। ଉଭୟ ବିଧାୟକ ଜମାକାରୀଙ୍କୁ ଆଶ୍ୱାସନା ଦେବା ସହ ସରକାରଙ୍କ ଦୃଷ୍ଟିକୁ ନେଇ ଦାବି ପୂରଣ ପାଇଁ ତୁରନ୍ତ ପଦକ୍ଷେପ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ପ୍ରତିନିଧି ମଣ୍ଡଳୀରେ ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚ ଅବିଭକ୍ତ କୋରାପୁଟ ଜିଲାର ଆବାହକ ପ୍ରଦୀପ ମହାରଣା, ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, କୋରାପୁଟ ଜିଲା ମଞ୍ଚ ଆବାହକ ଅଖିଳ ଚନ୍ଦ୍ର ତାପାଲି, ଲକ୍ଷ୍ମଣ ନାୟକ, ସଦାନନ୍ଦ ଗୁଣ୍ଡା, ରାମନା ଶିଶା, ସୁନାମ ସାଗର, ମୁକ୍ତୁରି ଗାଙ୍ଗା, ମଧୁସୂଦନ ମାଳି, ମାରି ମଞ୍ଜୁ, କୃଷ୍ଣ ଖରା, ବଲୁ ମାଣ୍ଡିଆ ଉପସ୍ଥିତ ଥିଲେ। ସେହିପରି ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀର ଚିଟଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀ ବିଧାୟକ ପ୍ରୀତମ ପାଢ଼ୀଙ୍କୁ ଦାବିପତ୍ର ଦେଇଛନ୍ତି। ଜମାରାଶି ନ ପାଇବା ଯାଏ ଜମାକାରୀ ନିଜ ନିର୍ବାଚନ ମଣ୍ଡଳୀର ସମସ୍ତ ସରକାରୀ ଅଫିସ୍ ଅଚଳ କରିବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପ୍ରତିନିଧି ମଣ୍ଡଳୀରେ ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚ କୋରାପୁଟ ଜିଲା ସଭାପତି ସଦାନନ୍ଦ ଗୁଣ୍ଡା, ରାଜ୍ୟ ଯୁଗ୍ମ ସମ୍ପାଦକ ପ୍ରଦୀପ ମହାରଣା, ଅଖିଳ ତାପାଲି, ଲକ୍ଷ୍ମଣ ନାୟକ, ପୀତାମ୍ବର ଟୟଲା, ଗୋପୀନାଥ ବଡ଼ନାୟକ ଉପସ୍ଥିତ ଥିଲେ।



ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ଦାବିପତ୍ର ଦିଆଯାଉଛି।



ଦୁର୍ଘଟଣା ପରେ ଟ୍ରକ ଜଳିଯାଉଛି।

# ଦୁର୍ଘଟଣାରେ ଜଳିଗଲା ଟ୍ରକ୍, ବାଇକ୍

ବୋରିଗୁମ୍ମା,୧୧।୩(ଡି.ଏନ୍.ଏ.)

କୋରାପୁଟ ଜିଲା ବୋରିଗୁମ୍ମା–କୋଟପାଡ଼ ୬୩ ନମ୍ବର ଜାତୀୟ ରାଜପଥ ଶଶାହାଣ୍ଡି ନିକଟରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଦୁର୍ଘଟଣା ଘଟି ଟ୍ରକ୍ ଓ ବାଇକ୍ ଜଳିଯାଇଛି। ତେବେ ଏଥିରୁ ୨ ଜଣଙ୍କ ଜୀବନ ବର୍ତ୍ତିଯାଇଛି। ଘଟଣା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୯ଟାରେ ଏକ ଟ୍ରକ୍ ବୋରିଗୁମ୍ମା ପଟୁ କୋଟପାଡ଼ ଯାଉଥିବା ବେଳେ ଶଶାହାଣ୍ଡି ନିକଟରେ ବିପରୀତ ଦିଗରୁ ଆସୁଥିବା ବାଇକ ସହ ଧକ୍କା ହୋଇଥିଲା। ହଠାତ୍ ଟ୍ରକ୍ ଜଳିବା ସହ ଏହା ତଳେ ଚାପିହୋଇ ରହିଥିବା ବାଇକ୍ ମଧ ଜଳିଥିଲା। ଦୁଇ ବାଇକ୍ ଆରୋହୀ ଛିଟ୍କି ପଡ଼ିବାରୁ ସେମାନଙ୍କ ଜୀବନ ବର୍ତ୍ତିଯାଇଛି। ଅଗ୍ନିଶମ କର୍ମଚାରୀ ଓ ସ୍ଥାନୀୟ ଯୁବକ ଉଭୟଙ୍କୁ ଉଦ୍ଧାର କରି କୋରାପୁଟ ଜିଲା ମେଡିକାଲରେ ଭର୍ତ୍ତି କରିଥିଲେ। ଗୁରୁତର ଦୁଇଜଣ ହେଲେ ସନପରିୟା ପଞ୍ଚାୟତର ପାଞ୍ଚ ନମ୍ବର ଗ୍ରାମର ହରି ପାଇକ ଓ କମଳଲୋଚନ ହନ୍ତାଳ।

# କୋର୍ଟର ନୂତନ କୋଠା ଉଦ୍‌ଘାଟିତ

ଚାନ୍ଦିଲି(କୋଟପାଡ଼), ୧୧।୩(ଡି.ଏନ୍.ଏ.)

କୋଟପାଡ଼ ଜେଏମ୍ଏଫ୍‌ସି କୋର୍ଟର ଏକ ନୂତନ କୋଠା ଉଦ୍‌ଘାଟନ କରିଛନ୍ତି ହାଇକୋର୍ଟ ବିଚାରପତି କୃଷ୍ଣରାମ ମହାପାତ୍ର। ଅତିଥି ଭାବେ ହାଇକୋର୍ଟ ରେଜିଷ୍ଟ୍ରାର ପ୍ରତାପ ପାତ୍ର, କୋରାପୁଟ ଜିଲା ଜଜ୍ ବିମଳ ଚାନ୍ଦ, ଓଡ଼ିଶା ବାର୍ କାଉନ୍ସିଲ ସଦସ୍ୟ ବିଷ୍ଣୁ ପ୍ରସାଦ ପାତ୍ର, କୋଟପାଡ଼ ଜେଏମ୍ଏଫ୍‌ସି ରୋହିତ ରଞ୍ଜନ ମିଶ୍ର ମଞ୍ଚାସୀନ ଥିଲେ। ଓକିଲ ସଂଘ ସଭାପତି ମଣିପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଜିତେନ୍ଦ୍ରନାଥ ମହାପାତ୍ର ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଅତିଥିମାନେ କୋର୍ଟ ପରିସରରେ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଭିଜିଲାନ୍ସ ଜଜ୍ ଶ୍ରୀକାନ୍ତ ମିଶ୍ର, ରେଜିଷ୍ଟ୍ରାର ହିମାଂଶୁ ଶେଖର ବିଶ୍ୱାଳ, ଫାମିଲି ଜଜ୍ ଦିଗାମ୍ବର ପୃଷ୍ଟି, ସିଜେଏମ୍ ପ୍ରଣତି ପଟ୍ଟନାୟକ, ଏସ୍‌ଡିଜେଏମ୍ ଜନ୍ମେଜୟ ପଲେଇ, ଏଡିଏମ୍ ଦେବେନ ପ୍ରଧାନ, ଉପଜିଲାପାଳ ଲୋକନାଥ ଦଳବେହେରା, ରାସ୍ତା ଓ କୋଠାବାଡ଼ି ବିଭାଗ ନିର୍ବାହୀ ଯନ୍ତ୍ରୀ, ତହସିଲଦାର ଦୃତିକୃଷ୍ଣ ପାତ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକରଞ୍ଜନ ସାମନ୍ତରାୟ, ଆଇଆଇସି ଉଲ୍ଲାସ ମାଝି ଯୋଗ ଦେଇଥିଲେ। ସମ୍ପାଦକ ଗୁପ୍ତ କୈଳାସ ମହାନ୍ତି, ସହ ସମ୍ପାଦକ ବାବୁଲି ନାୟକ, ଉପସଭାପତି ସୁଧୀର ମହାନ୍ତି, କୋଷାଧ୍ୟକ୍ଷ ଶଙ୍କର ପଣ୍ଡା, କାମାକ୍ଷୀ ପ୍ରସାଦ ପାଢ଼ୀ, ରାଜେନ୍ଦ୍ର ପ୍ରସାଦ ନାୟକ, କିଶୋର ଚନ୍ଦ୍ର ମିଶ୍ର, ଦୁର୍ଗା ପ୍ରସନ୍ନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ସଭାପତି ପଙ୍କଜ ପାତ୍ର ଧନ୍ୟବାଦ ଦେଇଥିଲେ।



କୋର୍ଟର ନୂତନ ଗୃହ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ନବରଙ୍ଗପୁର ଆର୍‌ଟିଓ କୋର୍ଟରେ ହାଜର

ଜୟପୁର/ନବରଙ୍ଗପୁର, ୧୧।୩ (ଡି.ଏନ.ଏ./ବି.ପ୍ର.)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ନବରଙ୍ଗପୁର ଆର୍‌ଟିଓ ଗଣେଶ୍ୱର କହଁରଙ୍କୁ ସୋମବାର କୋରାପୁଟ ଜିଲା ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଛି। କୋର୍ଟ ତାଙ୍କୁ ୨୧ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଗତ ଶୁକ୍ରବାର କୋରାପୁଟ ଭିଜିଲାନ୍ସ ଡିଭିଜନ୍ ପକ୍ଷରୁ ଆର୍‌ଟିଓ କହଁରଙ୍କ ନବରଙ୍ଗପୁରସ୍ଥିତ ଭଡ଼ାଘର, କାର୍ଯ୍ୟାଳୟ ସମେତ ଭୁବନେଶ୍ୱର, ଫୁଲବାଣୀ ଓ ଗଜପତି ଜିଲାର ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇ ୧ କୋଟି ୫୦ ଲକ୍ଷ ୬୩ ହଜାର ୩୨୮ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଏହାପରେ ତାଙ୍କୁ ଅଟକ ରଖାଯାଇଥିବାବେଳେ ଯାଞ୍ଚ ପ୍ରକ୍ରିୟା ଶେଷ ପରେ ରବିବାର ଗିରଫ କରାଯାଇଥିଲା।

## ବିସ୍ଫୋରକ ଜବତ ଘଟଣା ୨ କୋର୍ଟ ଚାଲାଣ

ଜୟପୁର,୧୧।୩(ଡି.ଏନ୍.ଏ.)

ଜୟପୁର ଟାଉନ୍ ଥାନା ପକ୍ଷରୁ ଗତ ସପ୍ତାହରେ ୫ଟନ୍ ବିସ୍ଫୋରକ ଜବତ ଘଟଣାରେ ହାଇଦ୍ରାବାଦର ୨ ଜାଲ୍ ବିକ୍ରେତା ରାଜି ରେଢ୍ଡୀ ଏବଂ ମହେଶ୍ୱର ରେଢ୍ଡୀଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ବିକ୍ରେତାମାନେ ପୂର୍ବରୁ ମାଲକାନଗିରି ଜିଲାର ୧୧ଟି କ୍ରଶରକୁ ୭୦ ଥର ବେଆଇନ ଭାବେ ବିସ୍ଫୋରକ ଚାଲାଣ କରିଛନ୍ତି। ଏ ନେଇ ଗଠିତ ସ୍ୱତନ୍ତ୍ର ପୋଲିସ ଟିମ୍ ଏହାର ତଦନ୍ତ କରୁଥିବା ଜଣାପଡ଼ିଛି। ଏଥିପୂର୍ବରୁ ଚାଲାଣ କରାଯାଉଥିବା ଗାଡ଼ିର ଚାଳକ, ହେଲପର ଏବଂ ମାଲକାନଗିରି ଜିଲା ମୋଟୁ ଅଞ୍ଚଳର ଜଣେ କ୍ରଶର୍ ମାଲିକଙ୍କୁ ଗିରଫ କରାଯାଇଥିଲା।

# ଜନଗଣନା ପାଇଁ ପ୍ରସ୍ତୁତି ସାଙ୍ଗକୁ ପ୍ରଶିକ୍ଷଣ




ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ସେମିଳିଗୁଡ଼ା,୧୧।୩(ସ୍ୱ.ପ୍ର.)

କୋରାପୁଟ ସଦ୍‌ଭାବନା ସଭାଗୃହରେ ବୁଧବାର ଜିଲା ପ୍ରଶାସନ ଓ ରାଜ୍ୟ ଜନଗଣନା ବିଭାଗ ପକ୍ଷରୁ ଏକ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଓ ଏଥିପାଇଁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲାର ସମସ୍ତ ଅଧିକାରୀଙ୍କୁ ଏଥିରେ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ସମସ୍ତ ବ୍ଲକର ବିଡିଓ, ତହସିଲଦାର ଏଥିରେ ଭାଗ ନେଇଥିଲେ। କୋରାପୁଟ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନଙ୍କ ସମେତ ଡିଆରଡିଏ ପିଡି, ଉପଜିଲାପାଳ ଲଳିତ କହଁର ଯୋଗ ଦେଇଥିବାବେଳେ ସନ୍ତୋଷ ଆଚାର୍ଯ୍ୟ ତାଲିମ ଦେଉଛନ୍ତି। ଚଳିତ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦ ଯାଏ ଗୃହ ଗଣନା ଓ ଦ୍ୱିତୀୟ ପର୍ଯ୍ୟାୟରେ ଫେବୃୟାରୀ ୯ରୁ ୨୮ ଭିତରେ ଜନଗଣନା କରାଯିବ। କୌଣସି କାରଣରୁ ଯଦି କିଛି ଲୋକ ଏଥିରୁ ବଞ୍ଚିତ ହୋଇଥିବେ, ସେମାନଙ୍କ ପୁନଃ ଜନଗଣନା ମାର୍ଚ୍ଚ ୧ରୁ ୫ ଭିତରେ କରାଯିବ ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି ।

# ହୋଲିକୁ ଫିକା କଲା କରୋନା ଆତଙ୍କ

ସେମିଳିଗୁଡ଼ା(ସ୍ୱ.ପ୍ର)/ସୁନାବେଡ଼ା/ଦାମନଯୋଡ଼ି,୧୧।୩

ସେମିଳିଗୁଡ଼ା, ସୁନାବେଡ଼ା ଓ ଦାମନଯୋଡ଼ି ଅଞ୍ଚଳରେ ମଙ୍ଗଳବାର ରଙ୍ଗର ପର୍ବ ହୋଲିକୁ ଫିକା କରିଛି କରୋନା ଭାଇରସ। ଏହାର ପ୍ରଭାବ ସହରରେ ରହିଥିବା ରଙ୍ଗ ବେପାରୀଙ୍କ ଉପରେ ସିଧାସଳଖ ପଡ଼ିଥିଲା। ବଜାରକୁ ଆସୁଥିବା ବିଭିନ୍ନ ରଙ୍ଗ ଚାଇନାର ହୋଇଥିବାରୁ ଲୋକେ ଆଶଙ୍କିତ ହୋଇପଡ଼ିଥିଲେ। ସେମିଳିଗୁଡ଼ା ସହରର କେତେକ ସ୍ଥାନରେ ବିଭିନ୍ନ ରଙ୍ଗର ଉଠା ଦୋକାନ ବସିଥିବା ବେଳେ ସୁନାବେଡ଼ା ହାଲ ପରିସର ସେଣ୍ଟ୍ରାଲ ମାର୍କେଟ, ଏଇଏଫ ମାର୍କେଟ, ହନୁମାନ ବଜାର ଓ ମ୍ୟୁନିସିପାଲିଟି ମାର୍କେଟରେ ରଙ୍ଗ ଦୋକାନ ବସିଥିଲା। ସେହିପରି ଦାମନଯୋଡିର ସେକ୍ଟର ୩ ଓ ଭେଜାପୁଟ, ମାତାଲପୁଟରେ ବସିଥିବା ରଙ୍ଗ ଦୋକାନ ମଧ ଫାଙ୍କା ଦେଖିବାକୁ ମିଳିଥିଲା। ଲୋକେ ରଙ୍ଗ କିଣିବା ପାଇଁ ଆଗ୍ରହ ଦେଖାଇ ନ ଥିଲେ।

# ‘ନାରୀ ଦେଶର ଶକ୍ତି ହୁଅନ୍ତୁ’

ସୁନାବେଡ଼ା,୧୧।୩

ସୁନାବେଡ଼ାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। କୁଳପତି ପ୍ରଫେସର ଆଇ ବ୍ରହ୍ମା ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରି କହିଥିଲେ, ସମାଜରେ ନାରୀଶକ୍ତି ଦେଶର ଶକ୍ତି ହେବା ସହ ନାରୀଙ୍କ ସମ୍ମାନରେ ଦେଶର ସମ୍ମାନ ହେବ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଅଞ୍ଚଳର ତିନି ମହିଳା ତଥା ନାରୀ ଶକ୍ତି ସ୍ୱରୂପା ଆଦର୍ଶ ମହିଳା, ପ୍ରକୃତି ମିତ୍ର ଭାବେ ପୁରସ୍କୃତ ମାଧୁରୀ ସହସ୍ରବୁଦ୍ଧି, ପର ସମ୍ମାନ କୋରାପୁଟ ଜିଲା ପାଇଁ ପୁରସ୍କୃତ ରାଧା ପାଣ୍ଡିଆ, ସାମାଜିକ କ୍ଷେତ୍ରରେ ଅବଦାନ ପାଇଁ ହାଲ୍‌ର ପ୍ରଣତି ଦେବଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଶା ଷ୍ଟେଟ ଫିଲ୍ମ ବେଷ୍ଟ ସହ ଅଭିନେତ୍ରୀ ଭାବେ କୃତିତ୍ୱ ଅର୍ଜନ ପାଇଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜେଏଏମସି ପ୍ରଥମ ବର୍ଷ ଛାତ୍ରୀ ମିସ ଶିବାନୀଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଡ. କପିଳ ଖେମୁଣ୍ଡୁ ଅତିଥି ପରିଚୟ, ଡ. ମିନତୀ ସାହୁ ସ୍ୱାଗତ ଭାଷଣ ଓ ଡ. ନୂପୁର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ସୁଖ, ଶାନ୍ତି, ସମୃଦ୍ଧି ପାଇଁ ‘ବାହା ପର୍ବ’

ସୁନାବେଡା,୧୧।୩

ଆଦିବାସୀ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ସୁନାବେଡ଼ା ସହରାଞ୍ଚଳରେ ବାହା ପର୍ବ ପାଳିତ ହୋଇଛି। ଏଥିରେ ଅନୁଷ୍ଠାନର ସମସ୍ତ ପରିବାର ସମେତ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ସାନ୍ତାଳୀ ସମ୍ପ୍ରଦାୟର ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ପ୍ରାଚୀନ କାଳରୁ ପ୍ରଚଳିତ ଏହି ପୂଜା ତଥା ଉତ୍ସବରେ ସାନ୍ତାଳୀ ସମ୍ପ୍ରଦାୟର ଲୋକେ ପାରମ୍ପରିକ ରୀତିନୀତିରେ ଶାଳ ଫୁଲ, ମହୁଲ ଫୁଲ ଆଦିକୁ ବିଭିନ୍ନ ଦେବୀ ଓ ଦେବତାଙ୍କ ନିକଟରେ ପୂଜାର୍ଚ୍ଚନା କରିଥାନ୍ତି। ଏହାଦ୍ୱାରା ସୁଖ, ଶାନ୍ତି ଓ ଯଶପ୍ରାପ୍ତି ହୋଇଥାଏ ବୋଲି ଏମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି। ପୂଜା ଶେଷରେ ନାୟକେ ବାବାଙ୍କଠାରୁ ଦେବୀ ଦେବତାଙ୍କଠାରେ ଅର୍ପଣ କରାଯାଇଥିବା ଶାଳ ଓ ମହୁଲ ଫୁଲକୁ ଆଶୀର୍ବାଦ ସ୍ୱରୂପ ଗ୍ରହଣ କରିଥାନ୍ତି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ହାଲ୍‌ର ଏଜିଏମ ନିରଜ୍ ଚନ୍ଦ୍ର ବେହେରା ସ୍ୱତନ୍ତ୍ର ପୂଜାରେ ଯୋଗ ଦେଇଥିଲେ। ଆଦିବାସୀ ସମ୍ପ୍ରଦାୟର ଏହି ଉତ୍ସବରେ ବଳି ପ୍ରଥା ପ୍ରଚଳିତ ଥିଲେ ମଧ ସୁନାବେଡ଼ାସ୍ଥିତ ଜାହେର୍ ଗାଳ ପୂଜା ସ୍ଥଳରେ ବଳିପ୍ରଥା ଉଚ୍ଛେଦ କରାଯାଇଛି। ପୂଜା ପରେ ଏଠାରେ ଭୋଜି ଭାତ ସହ ନାଚ, ଗୀତର ଆସର ଜମିଥାଏ। ଏଥିରେ ଆଦିବାସୀ ସମ୍ପ୍ରଦାୟର ସମସ୍ତ ଜନସାଧାରଣ, ବହୁ ପଦାଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଆଶୀର୍ବାଦ ସ୍ୱରୂପ ମହୁଲ ଓ ଶାଳ ଫୁଲ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଦିଶମ ଜାହେର ଗାଳର ନାୟକେ ବାବା କ୍ଷେତ୍ର ମୋହନ ଟୁଡୁ ପୂଜାର୍ଚ୍ଚନା କାର୍ଯ୍ୟ କରିଥିବାବେଳେ ଜାହେର ଗାଳର ମାଝିବାବା, ଧନୀ ରାମ ହାଁସଦାଙ୍କ ସମେତ ମଦନ ମୋହନ ସୋରେନ, ମୁନ୍ନା ବାସ୍କେ, ରାଜୀବ ହେମ୍ବ୍ରମ, ଉଗ୍ରସେନ ହାଁସଦା, ରାଜୁ ହାଁସଦା, ରାଜେଶ ମୁର୍ମୁ, ଚନ୍ଦ୍ର କୁମାର ମୁର୍ମୁ, ଭାଗିରଥି ହେମ୍ବ୍ରମ, ପି.ବି. ସୋରେନ୍, ନନ୍ଦ କୁମାର ମାର୍ଣ୍ଡି ସହଯୋଗ କରିଥିଲେ। ଶେଷରେ ଆଦିବାସୀ ସାଂସ୍କୃତିକ ଆସୋସିଏଶନର ସଭାପତି ଅନ୍ତୁ ହେମ୍ବ୍ରମ ଧନ୍ୟବାଦ ଦେଇଥିଲେ।



ବାହାପର୍ବରେ ସାମିଲ ହୋଇଥିବା ମହିଳାମାନେ।



ଅଗ୍ରଣୀ ଚାଷୀ ଓ ଉତ୍ପାଦନକାରୀ କମ୍ପାନୀକୁ ମହିଳା ସମାବେଶରେ ସମ୍ବର୍ଦ୍ଧିତ କରାଯାଉଛି।

# ସମ୍ବର୍ଦ୍ଧିତ ହେଲେ ଅଗ୍ରଣୀ ଚାଷୀ, ଉତ୍ପାଦନକାରୀ କମ୍ପାନୀ

## ମହିଳା ସମାବେଶ, ବିହନ ମେଳା

ସେମିଳିଗୁଡ଼ା,୧୧।୩(ସ୍ୱ.ପ୍ର.)

ପ୍ରଗତି ଅନୁଷ୍ଠାନ, ରାଜ୍ୟ ବିହନ ନିଗମ, ନାବାର୍ଡ ଏବଂ ଓଡ଼ିଶା ମିଲେଟ ମିଶନର ମିଳିତ ଉଦ୍ୟମରେ କୋରାପୁଟସ୍ଥିତ ନିଶାଣିମୁଣ୍ଡାରେ ମହିଳା ସମାବେଶ ଓ ବିହନ ମେଳା ଅନୁଷ୍ଠିତ ହୋଇଛି। ଅତିଥି ଭାବେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, କୋରାପୁଟ ବିଧାୟକ ରଘୁରାମ ପଡାଲ, ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ସାନି, ମଧୁର ଜଳ ମତ୍ସ୍ୟ ପାଳନ କେନ୍ଦ୍ର ଭୁବନେଶ୍ୱରର ବୈଜ୍ଞାନିକ ଡଃ ବିକାଶ ଚନ୍ଦ୍ର ମହାପାତ୍ର, ନାବାର୍ଡ଼ ଉପମହାପ୍ରବନ୍ଧକ ରାମଚନ୍ଦ୍ର ସାହୁ, ସୁନାବେଡ଼ାସ୍ଥିତ ମୁଖ୍ୟ ମୃତ୍ତିକା ଓ ଜଳ ସଂରକ୍ଷଣ ସଂସ୍ଥାର ଡଃ ଏମ୍. ମଧୁ, କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶରତ ଚନ୍ଦ୍ର ପାଲିତା ଯୋଗ ଦେଇଥିଲେ। ଏହି ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ଜିଲାର ମହିଳାମାନେ ସଚେତନ ହେବା ସହ ସେମାନଙ୍କ ସଶକ୍ତୀକରଣ ପାଇଁ ପରିବେଶ ସୃଷ୍ଟି ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଏଥିରେ ପ୍ରଗତି, ନାବାର୍ଡର ସହଯୋଗୀ ଅନୁଷ୍ଠାନ ଆଇସିଏଆର, ସିଫା, କର୍ମୀ, ମିଲେଟ ମିଶନ ଓ ଉଦ୍ୟୋଗୀଙ୍କ ଦ୍ୱାରା କରାଯାଇଥିବା ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା। ପ୍ରଗତି ସମ୍ପାଦକ ପ୍ରଭାକର ଅଧିକାରୀ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଡ. ଲୁନା ପଣ୍ଡା ସ୍ୱାଗତ ଭାଷଣ ରଖିଥିଲେ। ମହିଳା ଚାଷୀଙ୍କୁ ନେଇ ହେଉଥିବା କୃଷିଭିତ୍ତିକ କାର୍ଯ୍ୟକ୍ରମ ବିହନ ସଂରକ୍ଷଣ, ପ୍ରାକୃତିକ ସମ୍ବଳର ପରିଚାଳନା ଉତ୍ପାଦନ କମ୍ପାନୀ ବିଷୟରେ ଅନୁଭୂତି ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ମାଣ୍ଡିଆ ଚାଷ କରୁଥିବା ୧୦ ଜଣ ଅଗ୍ରଣୀ ଚାଷୀ ଓ ପ୍ରଗତି ସହାୟତାରେ ଗଠନ କରାଯାଇଥିବା ଉତ୍ପାଦନ କମ୍ପାନୀଗୁଡ଼ିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଗତିର ଟିମ ଲିଡର ମୁରଲିଧର ଅଧିକାରୀ ଓ ଗୁପ୍ତେଶ୍ୱର ନାୟକ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରଦର୍ଶନୀ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## କାରରୁ ମଦ ଜବତ: ଜଣେ ଗିରଫ

ରାୟଗଡ଼ା ଅଫିସ, ୧୧।୩- ରାୟଗଡ଼ା ଟାଉନ ଥାନା ପୋଲିସ ସଦର ବ୍ଲକ ଗୁମ୍ମା ଗ୍ରାମରୁ ମଦ ଜବତ କରିଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନାରାୟଣ ନାୟକ (୩୭)। ସୂଚନା ଅନୁଯାୟୀ, କାରରେ ମଦ ଚାଲାଣ ହେଉଥିବା ନେଇ ପୋଲିସ ଖବର ପାଇଥିଲା। ଆଇଆଇସି ନୀହାର ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍ଆଇ କେ. ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଗାଡି ଯାଞ୍ଚ କରୁଥିଲା। ଗୁମ୍ମା ଗାଁ ନିକଟରେ ପୋଲିସ ମାରୁତି ସୁଜିକି ୮୦୦(ଏପି -୩୫ଡ଼ି -୩୨୩୪ ) ଗାଡିକୁ ଯାଞ୍ଚ କରିବା ବେଳେ ସେଥିରୁ ପ୍ରାୟ ୩ଶହ ଲିଟର ମଦ ମିଳିଥିଲା। ନାରାୟଣ ନାୟକଙ୍କୁ ପୋଲିସ ଗିରଫ କରିଛି।

## ଜିଲା ମଙ୍ଗଳ ଅଧିକାରୀଙ୍କୁ ସ୍ୱାଗତ



ରାୟଗଡ଼ା ଅଫିସ,୧୧।୩- ଜିଲା ମଙ୍ଗଳ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଅଶୋକ କୁମାର ଶତପଥୀଙ୍କୁ ରାୟଗଡ଼ା ଜିଲା ନିଖିଳ ଉତ୍କଳ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ମନୋଜ ଗମାଙ୍ଗ, ଉପ ସଭାପତି ପ୍ରଦୀପ ଚୌଧୁରୀ, କାର୍ଯ୍ୟକାରୀ ସଭାପତି ବାମନ ମୂର୍ତ୍ତି ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଶିକ୍ଷକମାନେ ସେମାନଙ୍କ ସମସ୍ୟା ଏବଂ ହଷ୍ଟେଲରେ ଥିବା ସମସ୍ୟା ସମାଧାନ ଓ ଭିତ୍ତିଭୂମିର ଉନ୍ନତି ପାଇଁ ଜିଲା ମଙ୍ଗଳ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭିନ୍ନ ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ କରିବାକୁ ଦାବି କରିଥିଲେ।

## ଅନ୍ୟାୟ ବିରୋଧରେ ମହିଳା ସ୍ୱର ଉଠାଇବା ଜରୁରୀ

ରାୟଗଡ଼ା ଅଫିସ, ୧୧।୩
ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସରକାରୀ ଏଏନ୍ଏମ୍ ପ୍ରଶିକ୍ଷଣ କେନ୍ଦ୍ରରେ ବିଶ୍ୱ ମହିଳା ଦିବସ ପାଳନ କରାଯାଇଛି। ଭାରପ୍ରାପ୍ତ ଅଧକ୍ଷ ତଥା ପୋକ୍ସ ଅଦାଲତ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଜେଏମ୍ ମନୋରଞ୍ଜନ ଦାସ, ଗ୍ରାମ୍ୟ ନ୍ୟାୟାଧିକାରୀ ବୈଶାଳୀ ନାୟକ, ଡିଏସ୍ପି ବଟକୃଷ୍ଣ ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ। ନାରୀମାନେ ଅନ୍ୟାୟ, ଅତ୍ୟାଚାର ବିରୋଧରେ ସ୍ୱର ଉଠାଇବା ଜରୁରୀ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମକୁ ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ମନୋରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଗୁଜବକୁ ବିଶ୍ୱାସ ନ କରି ସଚେତନ, ସୁରକ୍ଷିତ ରୁହନ୍ତୁ'

ରାୟଗଡ଼ା ଅଫିସ,୧୧।୩

- କରୋନା ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ- ରାୟଗଡ଼ା, ସିଡିଏମ୍ଓ
- ଗଠନ ହୋଇଛି ଟାସ୍କ ଫୋର୍ସ
- ଗ୍ରାମାଞ୍ଚଳରେ ସଚେତନ କରିବାକୁ ଆଶା, ଅଙ୍ଗନୱାଡି କର୍ମୀଙ୍କୁ ନିର୍ଦ୍ଦେଶ




କରୋନା ଭାଇରସ୍ ଏବେ ବିଶ୍ୱରେ ଆତଙ୍କ ଖେଳାଇଛି। ଭାରତ ସମେତ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଦେଶ ଏବେ ଏହା କବଳରେ। ବର୍ତ୍ତମାନ ସୁଦ୍ଧା ସାରା ବିଶ୍ୱରେ ୪ ହଜାରରୁ ଅଧିକ ଲୋକେ ଏଥିରେ ପ୍ରାଣ ହରାଇଛନ୍ତି। ଭାରତରେ ପ୍ରାୟ ୬୦ ଜଣଙ୍କଠାରେ ଏହାର ଲକ୍ଷଣ ଦେଖାଯାଇଛି। କରୋନା ମୁକାବିଲା ପାଇଁ ରାୟଗଡ଼ା ଜିଲା ପ୍ରଶାସନ ପ୍ରସ୍ତୁତ ଥିବା ସିଡିଏମ୍ଓ ଆର୍ତ୍ତବନ୍ଧୁ ନାୟକ କହିଛନ୍ତି। ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଅଧକ୍ଷତାରେ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଲୋକନାଥ ରାଜୁ, ସିଡ଼ିଏମ୍ଓ, ମ୍ୟାନେଜର, ଡ଼ିପିଏମ୍ ରାଜେଶ୍ୱର ପଟ୍ଟନାୟକ, ସମସ୍ତ ଡାକ୍ତର ଏବଂ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଏକ ଟାସ୍କ ଫୋର୍ସ ଦଳ ଗଠନ କରାଯାଇଛି। ଏହି ଦଳ ଦୈନିକ କରୋନାକୁ ନେଇ ସମୀକ୍ଷା ବୈଠକ କରୁଛନ୍ତି। ଗ୍ରାମାଞ୍ଚଳ ଲୋକଙ୍କୁ ସଚେତନ କରିବାକୁ ଆଶା ଏବଂ ଅଙ୍ଗନୱାଡ଼ି କର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ସ୍ୱତନ୍ତ୍ର ୱାର୍ଡ଼ ଗଠନ କରାଯାଇଥିବା ଜନସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ଥଣ୍ଡା, ଜ୍ୱର ହେଉଥିବା ଲୋକଙ୍କ ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି। ଜିଲାରେ କାହାଠାରେ ମଧ୍ୟ କରୋନା ଲକ୍ଷଣ ଦେଖାଯାଇନି। ଗୁଜବ ଉପରେ ବିଶ୍ୱାସ ନ କରି ସୁରକ୍ଷିତ ରହିବା ସହ ସାଧାରଣ ଜୀବନ ଯାପନ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରତ୍ୟେକ ଥଣ୍ଡା ଓ ଜ୍ୱର କରୋନା ନୁହେଁ। କିନ୍ତୁ ଥଣ୍ଡା ଜ୍ୱର ହେଲେ ସାର୍ବଜନୀନ ସ୍ଥାନରୁ ଦୂରେଇ ରହିବା ସହ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ସବୁବେଳେ ହାତ ଓ ନିଜକୁ ସଫା ସୁତରା ରଖିବାକୁ ପରାମର୍ଶ ଦିଆଯାଇଥିବା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଲୋକନାଥ ରାଜୁ କହିଛନ୍ତି।

## ଦଳ ଛାଡ଼ିଲେ ଭାଜପା ନଗର ମଣ୍ଡଳ ସଭାପତି

ଗୁଣପୁର,୧୧।୩(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ଭାଜପା ନଗର ମଣ୍ଡଳ ସଭାପତି ପଦରୁ ଅନିଲ ସାହୁକାର ମଙ୍ଗଳବାର ଇସ୍ତଫା ଦେଇଛନ୍ତି। ଅନିଲ ତାଙ୍କ ଇସ୍ତଫା ପତ୍ର ଜିଲା ସଭାପତିଙ୍କଠାରୁ ଆରମ୍ଭ କରି ରାଜ୍ୟ ସଭାପତିଙ୍କୁ ପଠାଇଛନ୍ତି। ଗତ ସାଧାରଣ ନିର୍ବାଚନରେ ଉପଯୁକ୍ତ ଲୋକଙ୍କୁ ପ୍ରାର୍ଥୀ କରାଯାଇନଥିଲା। ଫଳରେ ସଙ୍ଗଠନର ପତନ ଘଟିବା ସହ ଦିନକୁ ଦିନ କର୍ମୀମାନେ ଦଳ ଛାଡୁଥିବା ସେ ତାଙ୍କ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିସହ ଦଳୀୟ କାର୍ଯ୍ୟକ୍ରମ ସମ୍ପର୍କରେ ମେସେଜ ମାଧ୍ୟମରେ ସୂଚନା ଦିଆଯାଉଛି। ଏପରି ଖାମଖିଆଲ କାରବା ଫଳରେ ଦଳ ଆଗକୁ ବଢିବାରେ ମୁସ୍କିଲ ହେଉଛି। ତେଣୁ ସେ ଦଳର ସଭାପତି ପଦ ସହ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଉକ୍ତ ପତ୍ରରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ ଯେ, ଅନିଲ ସାହୁକାର ବିଜେଡି ନଗରସଭାପତି ଥିଲେ। ୨୦୧୬ ଏପ୍ରିଲ ୨୦ରେ ସେ ବିଜେଡ଼ି ଛାଡି ଭାଜପାରେ ଯୋଗ ଦେଇଥିଲେ। ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଉପସ୍ଥିତିରେ ସେ ଦଳରେ ମିଶିଥିଲେ। ଭାଜପାରେ ମିଶିବାର ଏକ ମାସ ପରେ ତାଙ୍କୁ ନଗର ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିଲା। ଏହାପରେ ୨୦୧୯ରେ ହୋଇଥିବା ସାଙ୍ଗଠନିକ ନିର୍ବାଚନରେ ପୁଣି ଥରେ ସେ ଦ୍ୱିତୀୟ ଥର ପାଇଁ ନଗର ସଭାପତି ହୋଇଥିଲେ। ଏନେଇ ଜିଲା ସଭାପତି ଶିବ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରାଯିବାରୁ ଦଳ ସହ ତାଙ୍କର ଭଲ ସମ୍ପର୍କ ରହିଛି। ସେ ତାଙ୍କ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା କହିଥିଲେ। ତାଙ୍କ ଇସ୍ତଫା ଗୃହୀତ ହୋଇନାହିଁ। ରାଜ୍ୟ ସଭାପତି ଦିଲ୍ଲୀ ଯାଇଛନ୍ତି। ସେ ଭୁବନେଶ୍ୱର ଫେରିବା ପରେ ଏନେଇ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ଜିଲା ସଭାପତି ଶିବ ପଟ୍ଟନାୟକ।

# ଜନଗଣନା ପାଇଁ ଅଧିକାରୀଙ୍କୁ ପ୍ରଶିକ୍ଷଣ

ରାୟଗଡ଼ା ଅଫିସ, ୧୧।୩




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ରାୟଗଡ଼ାର ଡିପିଆଇସି ସଭାଗୃହରେ ୨୦୨୧ ଜନଗଣନା ପାଇଁ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ଭାରପ୍ରାପ୍ତ ଅଧିକାରୀ ଏବଂ ଅତିରିକ୍ତ ଭାରପ୍ରାପ୍ତ ଅଧିକାରୀଙ୍କୁ ୨୦୨୧ ଜନଗଣନା ପାଇଁ ପ୍ରଶିକ୍ଷଣ ଦିଆଯାଇଛି। ସେମାନଙ୍କୁ ଗୃହଗଣନା, ଗୃହ ତାଲିକା ପ୍ରସ୍ତୁତି ଏବଂ ରାଷ୍ଟ୍ରୀୟ ଜନ ସଂଖ୍ୟା ରେଜିଷ୍ଟର ପ୍ରସ୍ତୁତି ସମ୍ପର୍କରେ ତାଲିମ ଦିଆଯାଉଛି। ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଛନ୍ତି। ମୋବାଇଲ ଆପ୍ ଦ୍ୱାରା ଜିଲାରେ ଜନଗଣନା କରାଯିବ। ଡିଆର୍‌ଡିଏ ପିଡି ଅମ୍ରିତ ଋତୁରାଜ ଗୃହ ତାଲିକା ଓ ଗୃହ ଜନଗଣନାରେ ସାମିଲ ହୋଇଥିବା ପ୍ରଶ୍ନଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ଠିକ୍ କ୍ଷେତ୍ର ଅଧ୍ୟୟନ ଦ୍ୱାରା ଜନଗଣନାକାରୀମାନେ ଚାର୍ଜରେ ଥିବା ଅଧିକାରୀଙ୍କ ତତ୍ତ୍ୱାବଧାନରେ ନର୍ଦ୍ଧାରିତ ସମୟରେ ଜନଗଣନା ରିପୋର୍ଟ ଦେଲେ ଏହାର ସୁଫଳ ମିଳିବ ବୋଲି ଆଲୋଚନା ହୋଇଛି। ତହସିଲଦାର ଉମାଶଙ୍କର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନ ଜନଗଣନା ନିର୍ଦ୍ଦେଶାଳୟ ଓଡ଼ିଶା ପକ୍ଷରୁ ଉପନିର୍ଦ୍ଦେଶକ ଡ଼. ଅଭୟ ନାରାୟଣ ନାୟକ, ପରିସଂଖ୍ୟାନ ଅଧିକାରୀ ବିଟି ରାଓ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜନଗଣନା ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଘୋଡାହାଡ଼ ନଦୀରେ ବୁଡ଼ି ଯୁବକ ମୃତ

ପାଟପୁର,୧୧।୩

ପାଟପୁର ଥାନା ଜଲମରା ଗ୍ରାମ ନିକଟ ଘୋଡାହାଡ଼ ନଦୀରେ ବୁଡ଼ି ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ପଳାସପୁର ଗ୍ରାମର ଟୁକୁନା ନାଇକ (୩୦)। ଟୁକୁନା ଅପରାହ୍ନ ୩ଟାରେ ନଦୀକୁ ଗାଧୋଇବାକୁ ଯାଇ ଅସାବଧାନତା କାରଣରୁ ପାଣି ଭିତରକୁ ଚାଲିଯାଇଥିଲେ। ଖବର ପାଇ ଦିଗପହଣ୍ଡି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜା ଖୋଜି ପରେ ଟୁକୁନାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଧୁମ୍‌ଧାମରେ ସରିଲା ନିଲାବାଡଯାତ୍ରା

ଟିକିରି, ୧୧।୩ (ଡି.ଏନ୍.ଏ.)



ମା'ଙ୍କ ପୂଜାର୍ଚ୍ଚନା ଚାଲିଛି।

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଦୁଦୁକା ବାହାଲ ପଞ୍ଚାୟତସ୍ଥିତ ମଇଲିଗୁଡାରେ ଚାଲିଥିବା ନିଲାବାଡି ଯାତ୍ରା ଉଦ୍‌ଯାପିତ ହୋଇଛି। ମା'ଙ୍କ ଦର୍ଶନ ପାଇଁ ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମା'ଙ୍କ ପାଖରେ ଲୋକମାନେ ନଡ଼ିଆ କଦଳୀ, ଫୁଲ, କୁକୁଡା ଆଦି ନେଇ ସେଠାରେ ପୂଜା କରିବା ସହିତ ବଳି ଦେଇଥିଲେ। ଏହି ଅବସରରେ ଗ୍ରାମର ସମସ୍ତ ସହଯୋଗ କରିଥିଲେ। ଏହି ପୂଜା ପ୍ରତ୍ୟେକ ବର୍ଷ ଏହି ପାଳନ କରାଯାଏ। ବାଜା ବଜେଇ ମା'ଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପୂଜାରୀ ଅଜୟ ମାଝି ପୂଜା ଦାୟିତ୍ୱ ତୁଲାଇଥିଲେ। କୃଷ୍ଣ ମାଝି, ରାମ ମାଝି ଓ ଅଜୟ ମାଝି ସହଯୋଗ କରିଥିଲେ।

## ସିଏଏ, ଏନ୍ଆରସିକୁ ସମର୍ଥନ

ଗୁଣପୁର,୧୧।୩(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁରରେ ମଙ୍ଗଳବାର ନିଆରା ଢଙ୍ଗରେ ହୋଲି ପାଳନ କରିଛି ଆର୍‌ଏସ୍‌ଏସ୍। ସିଏଏ ଏବଂ ଏନ୍‌ଆର୍‌ସିକୁ ସମର୍ଥନରେ ଏକ ଶୋଭାଯାତ୍ରାରେ ବାହାରି ଲୋକଙ୍କୁ ରଙ୍ଗ ଲଗାଇଥିଲେ। ଜିଲା ସଂଘ ଚାଳକ ନନ୍ଦିକେଶ୍ୱର ଚୌଧୁରିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫାଲ୍‌ଗୁନି ଶବର, ଶ୍ରୀନିବାସ ସ୍ୱାଇଁ, ଗୋପାଳକୃଷ୍ଣ ଦେଓ ପାତ୍ର, ଅନନ୍ତ ପଣ୍ଡା ଭଳି ବହୁ କର୍ମକର୍ତ୍ତା ଯୋଗଦେଇ ହୋଲି ପାଳନ କରିଥିଲେ। ଏଥିସହ ସେମାନେ ସିଏଏ, ଏନ୍‌ପିଆର୍ ଏବଂଏନ୍‌ଆରସି ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ।କରିଥିଲେ।




ସିଏଏ ସମର୍ଥନରେ ବାହାରିଥିବା ଶୋଭାଯାତ୍ରା।)

## ଶୌଣ୍ଡିକ ସମାଜ ପକ୍ଷରୁ ଚାରା ରୋପଣ

ମୁନିଗୁଡ଼ା, ୧୧।୩(ଡି.ଏନ୍.ଏ.)

ମୁନିଗୁଡା ଗୁଣ୍ଡିଚାନଗରସ୍ଥିତ ଶୌଣ୍ଡିକ ସମାଜର ନୂତନ ସୁଭଦ୍ରା-ଉଦ୍ଧବ ଶୌଣ୍ଡିକ ମଙ୍ଗଳ ଭବନ ବୁଧବାର ଲୋକାର୍ପିତ ହୋଇଛି। ତିନି ଦିନ ଧରି ଚାଲିଥିବା ଏହି ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୁନିଗୁଡା ଶୌଣ୍ଡିକ ସମାଜ ସଭାପତି ରାମଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପଣ୍ଡିତ ବିଶ୍ୱନାଥ ଆଚାର୍ଯ୍ୟଙ୍କ ପୌରହିତ୍ୟରେ ହୋମଯଜ୍ଞ ସହ ବିଭିନ୍ନ ପୂଜାର୍ଚ୍ଚନା କରାଯାଥିଲା। ସଦସ୍ୟ ଉଦୟଚନ୍ଦ୍ର ଲଲା ଓ ପ୍ରଶାନ୍ତ କୁମାର ସାହୁଙ୍କ ମିଳିତ ସଂଯୋଜନାରେ ଏକ ସାଧାରଣ ସଭା କରାଯାଇଛି। ଉକ୍ତ ସଭାରେ ଅତିଥି ଭାବେ ନିଖିଳ ଉତ୍କଳ ଶୌଣ୍ଡିକ ସମାଜ ରାଜ୍ୟ ସଭାପତି ଗୋବିନ୍ଦ ସାହୁ, ଜିଲା ସଭାପତି ନନ୍ଦ ଚୌଧୁରୀ, ମାର୍ଗଦର୍ଶକ ବଳରାମ ସେନାପତି, ସତ୍ୟନାରାୟଣ ଚୌଧୁରୀ, ସୁବାସ ଚନ୍ଦ୍ର ବେହେରା, କେଶବ ସାହୁକାର, ନବୀନ ଚନ୍ଦ୍ର ପାତ୍ର, ପ୍ରମୋଦ ସାହୁକାର, ରବୀନ୍ଦ୍ର କାଦାମ୍ବାଲୁ, ବାସୁଦେବ ସୁନାମୁଦୀ, କବିତା ସାହୁକାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ସମାଜର କିଛି ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବନ ବିଭାଗ ସହାୟତାରେ ସମାଜ ତରଫରୁ ଭବନ ପରିସରରେ ଚାରା ରୋପଣ କରାଯାଇଥିଲା।

# ନ୍ୟାୟ ଦାବିରେ ଏସ୍‌ପିଙ୍କୁ ଭେଟିଲେ ଆଇନଜୀବୀ



ଆଇନଜୀବୀମାନେ ଏସ୍‌ପିଙ୍କ ସହ ଆଲୋଚନା କରୁଛନ୍ତି।

ରାୟଗଡ଼ା ଅଫିସ, ୧୧।୩

ମୋଟରଯାନ ଆଇନକୁ ସରକାର କଡାକଡିଭାବେ ଲାଗୁ କରି ନିୟମ ଉଲ୍ଲଙ୍ଘନକାରୀଙ୍କଠାରୁ ଜରିମାନା ଆଦାୟ କରୁଛନ୍ତି। କିନ୍ତୁ ରାୟଗଡ଼ାରେ ଏହାର ବ୍ୟତିକ୍ରମ କରାଯାଇଥିବା ନେଇ କେତେଜଣ ଆଇନଜୀବୀ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ମଦ୍ୟପାନ କରି ଗାଡ଼ି ଚଳାଉଥିବା ଜଣେ ଡ୍ରାଇଭରଙ୍କୁ ପୋଲିସ ସାଧାରଣ ଦଫା ଲଗାଇ ଛାଡି ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ପି. ଶ୍ରୀନିବାସ ନାମକ ଜଣେ ଆଇନଜୀବୀଙ୍କୁ ଏକ କାର୍(ଓଡ଼ି-୧୮ବି-୯୯୦୯) ଧକ୍କା ଦେଇଥିବା ରାୟଗଡ଼ା ଟାଉନ ଥାନାରେ ଏତଲା ଦିଆଯାଇଥିଲା। ଗାଡି ଚାଳକ କୁମାର ସେଠୀ ମଦ୍ୟପାନ କରି ଗାଡ଼ି ଚଲାଉଥିଲେ ମଧ୍ୟ ସାଧାରଣ ମାମଲା ରୁଜୁ କରାଯାଇ ତାଙ୍କୁ ଥାନାରୁ ଜାମିନ ମିଳିଛି। ମଦ୍ୟପାନର ଦଫା ଲଗା ଯାଇ ନାହିଁ ବୋଲି ଓକିଲମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଆଇନଜୀବୀମାନେ ଏକାଠି ହୋଇ ବୁଧବାର ଏସ୍‌ପି ସର୍ବଣା ଏମ୍ ବିବେକଙ୍କୁ ଭେଟି ଜଣାଇଛନ୍ତି। ଘଟଣା ସମ୍ପର୍କରେ ଅବଗତ ହୋଇ ଏସ୍‌ପି ଦୁଃଖ ପ୍ରକାଶ କରିଥିଲେ। ଆଗକୁ ଏଭଳି ହେବ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଗାଡି ଚାଳକଙ୍କୁ ଉପଯୁକ୍ତ ଦଣ୍ଡ ଦେବାକୁ ଆଇନଜୀବୀମାନେ ଦାବି କରିଥିଲେ।

# ହଳଦୀରେ ହୋଲି ଖେଳ

ଟିକିରି, ୧୧।୩ (ଡି.ଏନ୍.ଏ.)

ଟିକିରି ଜଗନ୍ନାଥ ମନ୍ଦିର ପରିସରରେ ଦୁଇଦିନ ଧରି ଚାଲିଥିବା ୧୬ ପ୍ରହର ନାମଯଜ୍ଞ ହୋଲି ଦିନ ଉଦ୍‌ଯାପିତ ହୋଇଛି। ଏଥିରେ ୨୦ଟି ଦଳ ଭାଗ ନେଇଥିଲେ। ପ୍ରଥମ କରି ସାମିଲ ହୋଇଥିବା ଦଳକୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମକୁ ଭଜହରୀ ସଂକୀର୍ତ୍ତନ ମଣ୍ଡଳୀ ଓ ଗ୍ରାମବାସୀ ସହଯୋଗ କରିଥିଲେ। ରଙ୍ଗ ବଦଳରେ ହଳଦୀ ଲଗାଇ ସମସ୍ତଙ୍କୁ ହୋଲିର ଶୁଭେଚ୍ଛା ଜଣାଯାଇଥିଲା। ନଗର ସଂକୀର୍ତ୍ତନ ସମୟରେ ହଳଦୀ ଲଗାଇ ସମସ୍ତେ ବୁଲିଥିଲେ। ଏହା ସହିତ ଟିକିରିର ଦୁଇଟି ସ୍ଥାନରେ ଦହି ହାଣ୍ଡି ମଧ୍ୟ ଭଙ୍ଗା ଯାଇଥିଲା।

# ରାଜ୍ୟସ୍ତରୀୟ ଅବକାରୀ ବିଭାଗ କ୍ରୀଡ଼ାରେ ରାୟଗଡ଼ା ଚାମ୍ପିୟନ

ରାୟଗଡ଼ା ଅଫିସ,୧୧।୩-

ଷ୍ଟେଟ ଏକ୍ସାଇଜ ସ୍ପୋର୍ଟ କମିଟି ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କ୍ରୀଡ଼ା ଉତ୍ସବରେ ରାୟଗଡ଼ା ଚାମ୍ପିୟନ ହୋଇଛି। ରାୟଗଡ଼ା ଦଳକୁ ଚାମ୍ପିୟନସ୍ ଟ୍ରଫି ମିଳିଛି। ଏହି କ୍ରୀଡ଼ା ଉତ୍ସବରେ ୩୦ ଜିଲାରୁ ପ୍ରାୟ ୧୫୦୦ ଜଣ ସାମିଲ ହୋଇଥିଲେ। କଟକ ବାରବାଟି ଷ୍ଟାଡିୟମରେ ଏହି ଖେଳ କାର୍ଯ୍ୟକ୍ରମ କରାଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଅର୍ଥ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଉପସ୍ଥିତ ଥିଲେ। ରାୟଗଡ଼ା ଦଳକୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରିଛନ୍ତି। ଏହି ଦୁଇଦିନିଆ ଖେଳରେ ଉଚ୍ଚଡିଆଁ, ଲମ୍ବଡିଆଁ ଓ ଦୌଡ଼ ପ୍ରତିଯୋଗିତା କରାଯାଇଥିଲା। ସୂଚନା ଅନୁଯାୟୀ ଅବକାରୀ ବିଭାଗ ପକ୍ଷରୁ ୫୦ତମ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପାଳନ କରାଯାଇଛି।




ଟ୍ରଫି ସହ ବିଜୟୀ ରାୟଗଡ଼ା ଦଳ।

# ଅପପୁଷ୍ଟି ଅଞ୍ଚଳ ବୁଲି ଦେଖିଲେ ଗୁଣପୁର ଉପଜିଲାପାଳ

ଚନ୍ଦ୍ରପୁର, ୧୧।୩ (ଡି.ଏନ୍.ଏ.)



ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ବୁଡ଼ିବାଲି ପଞ୍ଚାୟତ ଦ୍ରାହାଗାଡା ଗ୍ରାମରେ ଜଣେ ୬ମାସର ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ରବିବାର ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ଗାଁକୁ ଯାଇ ସେଠାରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ପିଇବା ପାଣି, ବିଦ୍ୟୁତ ସେବା, ଅଙ୍ଗନୱାଡି କେନ୍ଦ୍ରରେ ପୁଷ୍ଟିକର ଖାଦ୍ୟ ବଣ୍ଟନ ସମ୍ପର୍କରେ ସେ ଗ୍ରାମବାସୀଙ୍କଠାରୁ ପଚାରି ବୁଝିଥିଲେ। ଦୀର୍ଘଦିନ ଧରି ଗ୍ରାମରେ ବିଦ୍ୟୁତ ସେବା ପହଞ୍ଚିଥିଲେ ମଧ୍ୟ ଅଞ୍ଚଳବାସୀ ବିଜୁଳି ଆଲୁଅ ପାଇବାରୁ ବଞ୍ଚିତ ଥିବା ଅଞ୍ଚଳବାସୀ କହିଥିଲେ। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ଅପପୁଷ୍ଟିର ଶିକାର ହୋଇଥିବା ୬ମାସର ଶିଶୁ ପୁତ୍ର ବର୍ତ୍ତମାନ ବ୍ରହ୍ମପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା

**ଧରିତ୍ରୀ ପ୍ରଭାବ**

ସମନ୍ୱିତ ଶିଶୁ ବିକାଶ ଯୋଜନା ସୁପରଭାଇଜର ସୁଜାତା ମିଶ୍ର କହିଛନ୍ତି। ଏହି ଗସ୍ତବେଳେ ଗୁଣପୁର ଉପଜିଲାପାଳଙ୍କ ସହ ଚନ୍ଦ୍ରପୁର ବିଡ଼ିଓ ଜର୍ଜ ଡୁଙ୍ଗ୍‌ଡୁଙ୍ଗ୍, ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସାଲୁକି ଚରଣ ପୂର୍ତ୍ତି, ଡାକ୍ତର ପ୍ରତ୍ୟୁଷ ମିଶ୍ର, ଜିଲା ଅତିରିକ୍ତ ସମାଜ କଲ୍ୟାଣ ଅଧିକାରୀ ସନ୍ତଲାଲ ଡିପ୍, ଅଙ୍ଗନୱାଡି ସୁପରଭାଇଜର ସୁଜାତା ମିଶ୍ର, ଚନ୍ଦ୍ରମା ମାଳ ବିଶୋଇ, ସ୍ୱାସ୍ଥ୍ୟ ବିଭାଗ ବିପିଏମ୍, ମହିଳା ସ୍ୱାସ୍ଥ୍ୟକର୍ମୀ, ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ 'ଅପପୁଷ୍ଟି କବଳରେ ୬ ମାସର ଶିଶୁ' ଶୀର୍ଷକ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା।

